# ବ୍ରାହ୍ମଣୀ ଜଳ ପାଲଟିଛି ଜହର; ଚାଷୀକୁଳ ହତାଶ

**ତାଳଚେର ସଦର, ୬ ।୨ (ସମିସ):**

ଓଡ଼ିଶାର ଇତିହାସ, ସଂସ୍କୃତି ଓ ଚଳଣି ସହିତ ଜଡ଼ିତ ଚିରସ୍ରୋତ ବ୍ରାହ୍ମଣୀ ନଦୀ। ଏହି ନଦୀ ତା'ର ସତ୍ତାକୁ ନେଇ ସନ୍ଦିହାନ। ବର୍ଷାଦିନେ କୂଳ ଲଙ୍ଘିବା ସ୍ଥିତିରେ ଆଉନାହିଁ ଚିରସ୍ରୋତା ବ୍ରାହ୍ମଣୀ। ଅନ୍ୟ ଋତୁ କଥା ନ କହିବା ଭଲ। ଏହି ନଦୀ ଓଡ଼ିଶାର ୬ଟି ଜିଲ୍ଲା ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳର ତାଳଚେର ଦେଇ ପ୍ରବାହିତ ହେଉଥିବାରୁ ୧୨ ମାସରୁ ୮ ମାସ ଶୁଖିଲା ପଡ଼ିଥାଏ। କାରଣ ଏଠି ଶିଳ୍ପ ଶୋଷିନେଇଥାଏ ସବୁ ପାଣି। ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀର ମୋଟ ଦୈର୍ଘ୍ୟ ୭୬୫ କିଲୋମିଟର। ସୁନ୍ଦରଗଡ଼ଠାରେ ଓଡ଼ିଶାକୁ ପ୍ରବେଶ କରି ଦୀର୍ଘ ୪୮୦ କିଲୋମିଟର ପଥ ଅତିକ୍ରମ କରି ଧାମରା ମୁହାଣରେ ଏହି ନଦୀ ବଙ୍ଗୋପସାଗରରେ ଯାଇ ମିଶିଛି। ଦିନଥିଲା ନଦୀଗର୍ଭରେ ବର୍ଷ ତମାମ ପୂର୍ଣ୍ଣ ରହୁଥିଲା ଜଳ। ତାଳଚେର ଦେଇ ଯାଇଥିବା ଚିରସ୍ରୋତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଥିଲା ସୁଜଳା, ସୁଫଳା, ଶସ୍ୟଶ୍ୟାମଳା। ନଦୀର ଉପକୂଳବର୍ତ୍ତୀ ବାସିନ୍ଦା ବର୍ଷସାରା ଏହା ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉଥିଲେ। ଧାନ, ମୁଗ, ବିରି, ରାଶି, କୋଳଥ, ବାଦାମ, ସୋରିଷ, ଆଖୁ, ଆଳୁ ଫସଲର ଉତ୍ପାଦନ ସ୍ଥଳୀ ଥିଲା ଏ ସବୁ ତଟବର୍ତ୍ତୀ ଅଞ୍ଚଳ। ଏ ସବୁ ଶସ୍ୟ ଉତ୍ପାଦନ କରି ଚାଷୀ ତା'ର ପରିବାର ପ୍ରତିପୋଷଣ କରୁଥିଲା ଓ ଅନ୍ୟ ଅଞ୍ଚଳକୁ

**● ବର୍ଷକରୁ ୮ ମାସ ନଦୀ ଶୁଖିଲା**

ନେଇ ପନିପରିବା ଆବଶ୍ୟକତା ମେଣ୍ଟାଉଥିଲା। ବହୁ ପୁରାତନ କାଳରୁ ତାଳଚେରର ଜୀବନ ରେଖା ଥିଲା ଏହି ବ୍ରାହ୍ମଣୀ। ମାତ୍ର ଏ ସବୁ ଏବେ ଇତିହାସ ହୋଇ ରହିଗଲାଣି। ଗଢ଼ି ଉଠିଥିବା ଶିଳ୍ପାୟନ ଓ ଖଣି ଖାଦାନ ପାଇଁ ଜଳପ୍ରବାହ ହ୍ରାସ ପାଉଛି ତାହା ନୁହେଁ, ବର୍ତ୍ତମାନ ନଦୀର ପାଣି ଜହର ପାଲଟିଛି। ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୋଳ ଜିଲ୍ଲାରେ ଗଢି ଉଠିଥିବା ଶିଳ୍ପ କାରଖାନାରୁ ନିର୍ଗତ ବିଷାକ୍ତ ତରଳ ରାସାୟନିକ ବର୍ଜ୍ୟବସ୍ତୁ ଏବେସବୁ



ନଦୀ ଗର୍ଭରେ। ଏହି ଜଳ ଚାଷ ଓ ପିଇବା ପାଣି ପାଇଁ ଆଉ ଉପଯୋଗୀ ନୁହେଁ। ଏହି ଦୂଷିତ ଜଳ ପାଇଁ ଅଧାରୁ ଅଧିକ ଚାଷୀ ଏବେ ଚାଷରୁ ମୁହଁ ଫେରାଇ ନେଉଛନ୍ତି। କେବଳ ସେତିକି ନୁହେଁ, ଚାଷୀ ଚାଷ ଛାଡ଼ିବାର ଅନ୍ୟ ଏକ କାରଣ ହେଲା, ଚାଷଜମିକୁ ଜଳସେଚନ ଲାଗି ତିଆରି ହୋଇଥିବା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅନେକ ଅଚଳ ହୋଇପଡ଼ିଛି। ଜିଲ୍ଲାଗୁଡ଼ିକରେ ଦ୍ରୁତ ଶିଳ୍ପାୟନ ଯୋଗୁଁ ଉଚ୍ଚକ୍ଷମତା ସମ୍ପନ୍ନ ପମ୍ପ ଦ୍ୱାରା ମାତ୍ରାଧିକ ଜଳ ବ୍ୟବହାର ହେଉଥିବାରୁ ବର୍ଷକରୁ ୮ ମାସ ନଦୀ ଶୁଖିଲା ପଡୁଛି। ଏଣୁ ଚାଷ ଜମି ସବୁ ବେଣା ଓ ଖଣିବଣରେ ଭର୍ତ୍ତି ହୋଇଗଲାଣି। ତାଳଚେର ନନ୍ଦିରା ଯୋର ଓ ଟୁକିରା ନଦୀରେ କଳ କାରଖାନାର ବିଷାକ୍ତ ଜଳ ମିଶୁଥିବାରୁ ସେହି ପ୍ରବାହିତ ଜଳ ବ୍ରାହ୍ମଣୀକୁ ଦୂଷିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୧୭ରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ବ୍ରାହ୍ମଣୀ ନଦୀ ସମୂହର ୪୧ଟି ସ୍ଥାନ ପରୀକ୍ଷଣରୁ ଜଣାପଡିଛି ଯେ, ନଦୀର ଜଳ ସର୍ବନିମ୍ନ ବ୍ୟବହାର ଲାଗି ଅନୁପଯୁକ୍ତ। ନଦୀଜଳ ପଦୂଷଣ ସମ୍ପର୍କରେ ପଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଏଯାଏ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ଶିଳ୍ପ ପାଇଁ ବ୍ରାହ୍ମଣୀ ଅଧାରୁ ଅଧିକ ମାସ ଶୁଷ୍କ ମରୁଭୂମି ପାଲଟୁଛି।

## 'ଗପ ଶୁଣିବା ଓ ଗପ କହିବା' କାର୍ଯ୍ୟକ୍ରମ




**କିଶୋରନଗର,୬ ।୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗରଠାରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ - ୨୦୨୪ ଉପଲକ୍ଷେ 'ଗପ ଶୁଣିବା ଓ ଗପ କହିବା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କିଶୋରନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯତୀନ୍ଦ୍ର କୁମାର ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷକ ଭୈରବ କୁମାର ଦେହୁରୀ, ବିନାୟକ ଦେହୁରୀ ଓ ଚିନ୍ମୟୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ହାତ ତିଆରି ପ୍ରକଳ୍ପ ପ୍ରଦର୍ଶନ, ଗପ ପଠନ, କବିତା ଆବୃତ୍ତି, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଙ୍ଗୀତ ଓ ଲୋକ ସଂସ୍କୃତି ଭିତ୍ତିକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ତାଳଚେର ପୁସ୍ତକ ମେଳାରେ ସମାଜସେବୀ କ୍ଷୀରୋଦ ସାହୁ ସମ୍ବର୍ଦ୍ଧିତ



**ତାଳଚେର,୬ ।୨(ସମିସ):** ୨୧ତମ ତାଳଚେର ପୁସ୍ତକ ମେଳାର ଉଦଯାପନୀ ସଂଧ୍ୟାରେ ସମ୍ବର୍ଦ୍ଧିତ ହେଲେ ସମାଜସେବୀ କ୍ଷୀରୋଦ ସାହୁ। ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ସମାଜସେବୀ ଶ୍ରୀ ସାହୁଙ୍କୁ ମୁଖ୍ୟଅତିଥି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବିଶିଷ୍ଟ ଅତିଥି ଓଡ଼ିଶା ସରକାରଙ୍କ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାନସ ରଂଜନ ବାରିକ୍ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ଦେବୀ ମିଶ୍ର, ଉପସଭାପତି ଡଃ ରଶ୍ମୀରଂଜନ ମିଶ୍ର, ସହ ସଂପାଦକ ବିରଜା ଶଙ୍କର ମିଶ୍ର, ସୌଭାଗ୍ୟ ମହାରଣା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାମୁର ଅଟୋ ଆସୋସିଏସନ୍‌ର ବାର୍ଷିକ ଉତ୍ସବ



**କିଶୋରନଗର, ୬ ।୨(ସମିସ):** କିଶୋରନଗର ବ୍ଲକ ବାମୁର ମା' ମାହେଶ୍ୱରୀ ଅଟୋ ଆସୋସିଏସନର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାମୁର ସରପଞ୍ଚ, ମୁଖ୍ୟବକ୍ତା . ଭାବେ କିଶୋରନଗର +୨ କଲେଜର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ବାମୁର ରେଞ୍ଜର ସରୋଜ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ବାମୁର ଦଶହରା ପୂଜା କମିଟି ସଭାପତି ନଳିନୀ ରଂଜନ ପ୍ରଧାନ, ଅଟୋ ଆସୋସିଏସନ ସଭାପତି ମନୋରଂଜନ ପ୍ରଧାନ, ସମ୍ପାଦକ ମଦନ ଦେହୁରୀ, ପୂର୍ବତନ ଅଟୋ ଆସୋସିଏସନ ସଭାପତି ଆଦିତ୍ୟ ପ୍ରଧାନ, ସାହିତ୍ୟିକ ଗଦାଧର ନାଏକ, ଆଇନଜୀବୀ ତଥା ଆସୋସିଏସନର ଆଇନ ପରାମର୍ଶଦାତା ପ୍ରଭିଶ୍ୱର ପ୍ରଭବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜଏରାଟ ହାଇସ୍କୁଲର ଛାତ୍ରୀ ଅର୍ପିତା ସାହୁ ଓ ଓଷ୍ଟାପାଲ୍ଲୀ ହାଇସ୍କୁଲର ଛାତ୍ରୀ ମୀରାରାଣୀ ପ୍ରଧାନ ସଡ଼କ ସୁରକ୍ଷା ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇଥିବା ଖଣ୍ଡହତା ଲକ୍ଷ୍ମୀପୂଜା କମିଟିର ଅଖିଳ ପ୍ରଧାନ, କଦଳୀମୁଣ୍ଡା ଲକ୍ଷ୍ମୀପୂଜା କମିଟିର ଆଶୁତୋଷ ପ୍ରଧାନ ଓ ବାମୁର ଆଞ୍ଚଳିକ ଚଷା ଯୁବ ମଞ୍ଚର ସଭାପତି ବାସୁଦେବ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସଂଜୟ ଦାସ ଓ ସଂଘର ଉପଦେଷ୍ଟା ପ୍ରକାଶ ସିଂହଙ୍କୁ ମଧ୍ୟ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଗସ୍ତି ପ୍ରଧାନ ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଆସୋସିଏସନର ରୁଦ୍ରନାରାୟଣ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଛବିନ୍ଦ୍ର ପ୍ରଧାନ, ବିରଞ୍ଚି ନାଏକ, ଭୂପତି ପ୍ରଧାନ, ସୁଦର୍ଶନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କଣିହାଁ, ୬ ।୨(ସମିସ):** କଣିହାଁ ଏନଟିପିସି ସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଚନ୍ଦ୍ରଶେଖର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସମ୍ପାଦକ ବିଭୂତି ଭୂଷଣ ସାହୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗାଳ୍ପିକ ତଥା କବି ସିଦ୍ଧିପ୍ରସାଦ ସାହୁ ବିଭିନ୍ନ ମତ ଦେଇଥିଲେ। ଛାତ୍ର ଛାତ୍ରୀଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

## ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଆଲୋଚନାଚକ୍ର

ତାଳଚେର, ୬ ।୨(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୪୧ତମ ଆଭାସୀ ଆଲୋଚନାଚକ୍ର 'ଶ୍ରୀ ଶ୍ରୀ ଦୟାନିଧି ପରମହଂସଙ୍କ ଜୀବନ ଓ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖାର ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବ୍ରହ୍ମଚାରୀ ବିଶ୍ୱମ୍ବର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସନ୍ତୋଷ କୁମାର ମହାପାତ୍ର, ସଂସଦର ସଂପାଦକ କୃଷ୍ଣଚନ୍ଦ୍ର ସାହୁ, ସଂସଦର ସଂଚାର ଓ ସମନ୍ୱୟ ବିଭାଗ ସଦସ୍ୟ ବିଭୂତି ଭୂଷଣ ସ୍ୱାଇଁ, ସଂଜିତା ତ୍ରିପାଠୀ ସହଯୋଗ କରିଥିଲେ। ଏହି ପାଠ୍ୟଚକ୍ରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ଉପସଭାପତି ପ୍ରତାପ କୁମାର ତ୍ରିପାଠୀ, ଅଙ୍ଗୁରବାଳା ସ୍ୱାଇଁ, ହାଡ଼ିବନ୍ଧୁ ପାଣିଗ୍ରାହୀ, ପ୍ରଭାତ ନଳିନୀ ସାହୁ, ପ୍ରଫେସର ପ୍ରଳୟ କୁମାର ନନ୍ଦ, ସୁବାସ ମେହେର, ଉଷାରାଣୀ ମିଶ୍ର, ବିନୟ କୁମାର ସାମଲ, ଲାବଣ୍ୟବତୀ ଜେନା, ଗୌରପ୍ରିୟା ଦାସ, ଦୀପକ ଦାସ, ଡ.ବିଶ୍ୱଜିତ୍ ଖମାରୀ, ଜୟଶ୍ରୀ ଷଡ଼ଙ୍ଗୀ, ଭାରତୀ ସାହୁ, ସଂକର୍ଷଣ ଶତପଥୀଙ୍କ ପ୍ରମୁଖ ଯୋଗ ଦେଇଥିଲେ।

## ତହସିଲ କାର୍ଯ୍ୟ ଦକ୍ଷତାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ତାଳଚେର ସଦର, ୬ ।୨(ସମିସ):** ୧୪୯ ନମ୍ବର ଜାତୀୟ ରାଜପଥଟି ମରଣଯନ୍ତା ସାଜିଥିବା ବେଳେ ଏହାକୁ ୪ଥାକିଆ ରାସ୍ତାରେ ପରିଣତ କରିବାକୁ ନେଇ ଦୀର୍ଘ ୨ବର୍ଷ ହେବ ତାଳଚେର ତହସିଲ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବାରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ସେହିଭଳି କୋଇଲା ଖଣି ଦ୍ୱାରା ଅଧିଗ୍ରହଣ କରାଯାଉଥିବା ଜମିବାଡ଼ି ଚିହ୍ନଟ ପ୍ରକ୍ରିୟାରେ ଉକ୍ତ କାର୍ଯ୍ୟାଳୟ ପକ୍ଷରୁ ବିଳମ୍ବ ଘଟୁଥିବାରୁ ଏମସିଏଲ ଜମି ଅଧିଗ୍ରହଣରେ ବାଧାପ୍ରାପ୍ତ ହେଉଛି। କ୍ଷତିଗ୍ରସ୍ତ ପ୍ରଜାମାନେ ସେମାନଙ୍କର ଠିକ୍ ସମୟରେ କ୍ଷତିପୂରଣ ରାଶି ଓ ନିଯୁକ୍ତି ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଘଟୁଛି। ଏହା ଫଳରେ ତାଳଚେରବାସୀ ତହସିଲ କାର୍ଯ୍ୟାଳୟର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିକାଶମୂଳକ କାର୍ଯ୍ୟରେ ଘୋର ବାଧା ସୃଷ୍ଟି କରୁଛି। ଏହାକୁ ନେଇ ତାଳଚେର -ଅନୁଗୋଳ ଆକ୍ଟିଭ ମିଡିଆ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଏହାର ବିଚରା କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଡେରଙ୍ଗରେ ଶୌଣ୍ଡିକ ସମାଜ ବୈଠକ

**କଣିହାଁ, ୬ ।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ଶୌଣ୍ଡିକ ସମାଜର ୪୭ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ମୂଳିଆ ସେନାପତି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସମାଜର ଦିବଗନ୍ତ ସଦସ୍ୟଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଯୁଗେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ ଓ ସଭା ପରିଚାଳନା କରିଥିଲେ। ବୈଠକରେ ଡେରଙ୍ଗର ମୋଟ ୧୮୦ ଘରର ପାରିବାରିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ପୁରୁଣା କମିଟିକୁ ଆଉ ଏକବର୍ଷ ରହି କର୍ଯ୍ୟ ସମ୍ପାଦନ ପାଇଁ ଅନୁମତି ମିଳିଥିଲା। ଉପଦେଷ୍ଟା କମିଟିରେ ଶିକ୍ଷାବିତ୍ ବୁଦ୍ଧଦେବ ସାହୁ, ଦିଲେଶ୍ୱର ସାହୁ, ନୀଳମଣି ସାହୁ, ଅରୁଣ ସାହୁ, କମିଟି ସଭ୍ୟ ବିନୋଦ ସାହୁ, ବିଭୂତି ସାହୁ, ପ୍ରସାଦି ସାହୁ, ନିରଞ୍ଜନ ସାହୁ, ନର୍ତ୍ତମ ସାହୁ, ଅଥନୀ ସାହୁ, ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ କଳା ପରିଷଦର ସମାରୋହ



**କଣିହାଁ, ୬ ।୨(ସମିସ):** କଣିହାଁ ବ୍ଲକ ଟେଲକବେଡ଼ା ଗ୍ରାମ ଟିକିରା ନଦୀକୂଳ ଚେମିନି ଘାଟି ପାହାଡ଼ ପାଦଦେଶରେ ଥିବା ଗୁମ୍ଫା ନିକଟରେ ନିର୍ମିତ ହୋଇଛି। ଭବ୍ୟ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବକୁ ନେଇ ଏଠାରେ ନଦିଆଁ ନାମ ସଂକୀର୍ତ୍ତନ ହୋଇଥିଲା। ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ ନୀତି, ଗୀତା ମହାଯଜ୍ଞ ସହିତ ଶ୍ରୀ ଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ କଳା ପରିଷଦ କଣିହାଁ ମଣ୍ଡଳର ଚତୁର୍ଦ୍ଦଶ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୯୦ଟି ଓଡ଼ିଶୀ ନାମ ଦଳ ଯୋଗଦେଇ ନଗର ପରିକ୍ରମା କରିଥିଲେ। ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ଦେବଦର୍ଶନ କରିଥିଲେ। ନାମ ସଂକୀର୍ତ୍ତନ ପରିଚାଳନାରେ କାର୍ଯ୍ୟକର୍ତ୍ତା ମାୟାଧର ସାମଲ, ଦାମୋଦର ବେହେରା, ମହେଶ୍ୱର ସାମଲ ପ୍ରମୁଖ ଥିଲେ। ପ୍ରସାଦ ବଣ୍ଟନରେ କଣିହାଁ, ପଟାଖମଣ, ସାରଥୀପାଳ, ବଣସିଂହ, ସାନତ୍ରିବିଡ଼ା, ବଡ଼ତ୍ରିବିଡା, ପୋଇପାଳ, ବୁରୁବାହାଳ, ପଥରମୁଣ୍ଡା, ଭୂଇଁପୁର, ଜରଡ଼ା, ଟାକୁଆ ଗ୍ରାମବାସୀ ସହଯୋଗ କରିଥିଲେ।

## ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା



**ଅନୁଗୋଳ, ୬ ।୨(ସମିସ):** ପ୍ରଶାସନିକ ଢାଞ୍ଚାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ଦୃଢ଼କରିବା ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆଭାସୀ ମାଧ୍ୟମରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡିଶା ସରକାରଙ୍କର ସୂଚନା ଅଧିକାର ଆଇନର ଡୋମେନ ଏକ୍ସପର୍ଟ ହର୍ଷ ପରିଚ୍ଛା ଆଭାସୀ ମାଧ୍ୟମରେ ଏହି କର୍ମଶାଳା ପରିଚାଳନା କରିଥିଲେ। ଦୈନନ୍ଦିନ କାର୍ଯ୍ୟରୁ ବ୍ୟବହାରିକ ଉଦାହରଣ ମାଧ୍ୟମରେ ଶ୍ରୀ ପରିଚ୍ଛା ସୂଚନା ଅଧିକାର ଆଇନର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ଅଧିକାରୀଙ୍କ ପାଇଁ ଏହି କର୍ମଶାଳା ସୂଚନା ଅଧିକାର ଆଇନ ଏବଂ ଏହାର ଭୂମିକା ଏବଂ ଦାୟିତ୍ୱ ସ୍ପଷ୍ଟ କରିବା ନିମନ୍ତେ ଏକ ମୂଲ୍ୟବାନ ସୁଯୋଗ ଥିଲା। ଏହି କର୍ମଶାଳାରେ ୧୦୦ରୁ ଉର୍ଦ୍ଧ୍ୱ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ଦୁଧିଆବେଡ଼ାରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବିଏମ୍‌ସିସି ଚନ୍ଦ୍ରବାହାଲ ଟିମ୍ ଚାମ୍ପିଅନ



**ଅନୁଗୋଳ, ୬ ।୨(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଅନ୍ତର୍ଗତ ଦୁଧିଆବେଡ଼ା ଗ୍ରାମରେ ଲିଙ୍ଗରାଜ ରୟାଲ କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୧୬ ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ପରତରା ଟିମ୍ ବନାମ ଚନ୍ଦ୍ରବାହାଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରବାହାଲ ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ସମୁଦାୟ ୮ ଓଭରରେ ୬ ୱିକେଟ ହରାଇ ୮୫ରନ୍ ସଂଗ୍ରହ କରିଥିଲେ। ଅପରପକ୍ଷରେ ପରତରା ଟିମ୍ ୭ ୱିକେଟ୍ ହରାଇ ୭୫ରନ୍ କରିବାରେ ସକ୍ଷମ ହୋଇଥିଲା। ଶେଷରେ ମ୍ୟାନ ଅଫ ଦି ମ୍ୟାଚ୍ ଚନ୍ଦ୍ରବାହଳ ଟିମର ରଞ୍ଜନ, ମ୍ୟାନ ଅଫ ଦି ସିରିଜ୍ ପରତରା ଟିମର ଦିପୁ ହାତେଇଥିଲେ। ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ ଜୟନ୍ତ ପ୍ରଧାନ ଓ ସୁନିଲ ସାହୁ ଓ ଆମ୍ପାୟାର ଭାବେ ସରୋଜ, ମୁନା, ବିଘ୍ନେଶ୍ୱର ଓ ବଙ୍କୁ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ସମାଜସେବୀ ଜଳଧର ସେଠୀ ଓ ସମ୍ମାନୀୟ ଅତିଥି ଭାବରେ ଗ୍ରାମ ସଭାପତି ଗୋଲେଖ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ମନୋଜ ପ୍ରଧାନ, ସୁଧାକର ବେହେରା ଉପସ୍ଥିତ ଇହି ଖେଳାଳିଙ୍କୁ ଉତ୍ସାହିତ କରି ପୁରସ୍କାର ବିତରଣ କରିଥିଲେ।

### ଡ୍ରେନ୍ ପାଣି ନିଷ୍କାସନରେ ବାଧା

## ଅବସରପ୍ରାପ୍ତ ଜେଇଙ୍କ ବିରୁଦ୍ଧରେ ଥାନାରେ ଏତଲା

**ତାଳଚେର ସଦର, ୬ ।୨(ସମିସ):** ତାଳଚେର ପୌରାଞ୍ଚଳ ୧୨ ନମ୍ବର ୱାର୍ଡ ରେମୁଆଁ ଆର୍ଯ୍ୟବିହାର କଲୋନୀବାସୀଙ୍କ ଦୀର୍ଘ ବର୍ଷର ଡ୍ରେନ୍ ପାଣି ନିଷ୍କାସନ ସମସ୍ୟା ଦୂର ନେଇ କଲୋନୀବାସୀଙ୍କ ପକ୍ଷରୁ ପୌର ଅଫିସରେ ବାରମ୍ବାର ଅଭିଯୋଗ ପରେ ଯୁବ ନଗରପାଳ ପବିତ୍ର ଭୂତିଆ ଆଜି ସକାଳେ ଆର୍ଯ୍ୟ ବିହାର କଲୋନୀରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଞ୍ଚଳର ବେହେରା ନାମକ ଜଣେ ଅବସରପ୍ରାପ୍ତ ଜେଇ ଲୋକଙ୍କ ଡ୍ରେନ ପାଣି ନିଷ୍କାସନରେ ବାଧା ସୃଷ୍ଟିକରି ନଗରପାଳ ଶ୍ରୀ ଭୂତିଆଙ୍କ ଉପରେ ନାଲିଆଖି ଦେଖାଇ ମୋ ଘର ଦେଇ ଡ୍ରେନ ପାଣି ମୁଁ ଛାଡ଼ିବିନାହିଁ ବୋଲି କହିବା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ନଗରପାଳ ଭୂତିଆଙ୍କ କାର୍ଯ୍ୟକୁ କଲୋନୀବାସୀଙ୍କ ପ୍ରଶଂସା କରିଥିଲେ। ଜେଇଙ୍କ ଏପରି ଅସଭ୍ୟ କାର୍ଯ୍ୟଶୈଳୀକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଲୋକଙ୍କ ସମସ୍ୟାର ଦୂରୀକରଣ ପାଇଁ ନଗରପାଳ ଭୂତିଆ ତୁରନ୍ତ ପଦକ୍ଷେପ ନେଉଥିବା ବେଳେ ଜେଇଙ୍କ ଏପରି ଉନ୍ମତ୍ତ କାଣ୍ଡକୁ ଉକ୍ତ କଲୋନୀବାସୀ ସମାଲୋଚନା କରିଛନ୍ତି। ଜେଇଙ୍କ ବିରୁଦ୍ଧରେ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି।

## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



**ବଣ୍ଠରପାଳ, ୬ ।୨(ସମିସ):** କୁଲାଡ଼ ଗ୍ରାମସ୍ଥିତ ନାଲକୋନଗର ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ଗତ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତରୁଣ କୁମାର ପଣ୍ଡାଙ୍କ ଦ୍ୱାରା ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲକୋ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ ମହନ୍ତ ଯୋଗଦାନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ରାୟ, ସନ୍ତୋଷ କୁମାର ନାଥ, ସନ୍ତୋଷ କୁମାର ସାହୁ, ଅଧ୍ୟାପିକା ସୁମିତ୍ରା ସାହୁ ପ୍ରମୁଖ ନିଜନିଜ ବକ୍ତବ୍ୟରେ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଓ ଅଧ୍ୟକ୍ଷ ପ୍ରଶିକ୍ଷିକା ଲିଜା ନାଏକଙ୍କୁ ମାନପତ୍ର ଦେବା ସହ ଶିବିରରେ ଅଂଶଗ୍ରହଣ କରିଥିବା ୬୪ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ନୋଡାଲ ଅଧିକାରୀ ସଞ୍ଜୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଏନଟିପିସି ପକ୍ଷରୁ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କଣିହାଁ, ୬ ।୨(ସମିସ):** କଣିହା ବ୍ଲକସ୍ଥିତ ପବିତ୍ରମୋହନ ସଭାଗୃହ ପରିସରରେ ଏନଟିପିସି ପକ୍ଷରୁ ଦୁଇଦିନିଆ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ପ୍ରଧାନ, ଏନଟିପିସିର ଭାରପ୍ରାପ୍ତ ଅଧିକାରୀ ଭୀଷ୍ମଦେବ ନାୟକ, ମନୋରଞ୍ଜନ ଓଝା, ବୈଷୟିକ ଅଧିକାରୀ ହ୍ରିତିକ୍ ଜୈସଲ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୭୦ ଜଣ ପଞ୍ଜିକୃତ ଭିନ୍ନକ୍ଷମଙ୍କ ମଧ୍ୟରୁ ୪୦ ଜଣଙ୍କୁ ଟ୍ରାଇ ସାଇକଲ, ଶ୍ରବଣଯନ୍ତ୍ର, ଆଶାବାଡ଼ି ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏନଟିପିସି ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ଏନେଇ ଉତ୍ସାହିତ କରାଯାଉଛି। ଶେଷରେ ସମସ୍ତ ଚିହ୍ନଟ ଭିନ୍ନକ୍ଷମଙ୍କୁ ସହାୟତା ପ୍ରଦାନ କରାଯିବ।

### ଜେଆଇଟିପିଏଲ୍ କମ୍ପାନୀକୁ ଆରଟିଓ ପ୍ରୀତି !

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବିନା ଚାଲିଛି ହଜାର ହଜାର ଟ୍ରକ୍

**ଡେରଙ୍ଗ, ୬ ।୨(ସମିସ):**

କଣିହାଁ ବ୍ଲକ ଡେରଙ୍ଗ ସ୍ଥିତ ଜେଆଇଟିପିଏଲ କମ୍ପାନୀକୁ କଣିହାଁ ଖୋଲା ପୋଖରୀ କୋଇଲା ଖଣି ଓ ତାଳଚେର କୋଇଲା ଖଣିରୁ ପ୍ରତିଦିନ ହଜାର ହଜାର କୋଇଲା ବୋଝେଇ ଟ୍ରକ୍ କୋଇଲା ନେଇ ଆସୁଥିବା ବେଳେ ବିନା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ପ୍ରତି ଦିନ ଗାଡି କମ୍ପାନୀକୁ ଯିବା ଆସିବା କରୁଛି। କିନ୍ତୁ ଏଥିପ୍ରତି କଣିହାଁ ପୁଲିସ ପ୍ରଶାସନ ଓ ତାଳଚେର ଆରଟିଓର ନିଘା ନାହିଁ। କିନ୍ତୁ ସାଧାରଣ ଲୋକ ରାସ୍ତାରେ ଯାଉଥିବା ବେଳେ ଯଦି ବିନା ହାଇ ସିକ୍ୟୁରିଟି ନମ୍ବର ଲାଗିଛି, ତାହେଲେ ଫାଇନ କାଟିବା ଥୟ। କଣିହାଁ ପୁଲିସ ପ୍ରଶାସନ ଓ ତାଳଚେର ଆରଟିଓ ବିଭାଗର ଏହି କମ୍ପାନୀ ପ୍ରତି ଦରଦ କ'ଣ ପାଇଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି ? ଏବେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟକୁ ନେଇ ସାଧାରଣ ଲୋକେ ସମସ୍ୟାରେ ପଡୁଥିବା ବେଳେ କଣିହାଁ ଅଞ୍ଚଳରେ ଗଢ଼ି ଉଠିଥିବା କମ୍ପାନୀଗୁଡିକ ପାଇଁ ଚାରିଖୁଣ ମାପ୍। ପୁଲିସ ପ୍ରଶାସନ ଓ ତାଳଚେର ଆରଟିଓର କେବେ ଏଥିପ୍ରତି ଆଖି ପଡ଼ିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜେଆଇଟିପିଏଲ କମ୍ପାନୀକୁ ଗାଡ଼ି ବିନା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟରେ ଟ୍ରକ୍ ଆସୁଥିବା ବେଳେ ତାଳଚେର ଆରଟିଓ ସୂଚନା ନ ପାଇବା ପରିତାପର ବିଷୟ।



• ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ

**ଢେଙ୍କାନାଳ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ଜନୈକା ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାର ବିଚାର କରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜରିମାନାଦେଶ ଦେଇଛନ୍ତି। ଗତ ୨୦୨୦ ମସିହା ନଭେମ୍ବର ୧୨ରେ ମାରମ୍ବର ହାଟରେ ଶଙ୍କର୍ଷଣ ଦେହୁରୀ (୪୫) ଜଣେ ନାବାଳିକାକୁ ପ୍ରଲୋଭନ ଦେଖାଇ ଚାଟ ଖାଇବାକୁ ଦେବା ସହିତ ମନଲୋଭା କଥା କହି ଜଙ୍ଗଲକୁ ନେଇଯାଇଥିଲା। ପରଦିନ ଜଙ୍ଗଲରୁ ସେହି ନାବାଳିକାର ମୃତଦେହକୁ ଠାବ କରାଯାଇଥିଲା। ମୃତଦେହରେ କ୍ଷତଚିହ୍ନ ରହିଥିବା ବେଳେ ଏହାକୁ ନେଇ ତା'ର ବାପା ଥାନାରେ ଅଭିଯୋଗ କରିଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ ଥାନାରେ ୧୨୪/୨୦ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ଶଙ୍କର୍ଷଣକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋକ୍ସୋ ଅଦାଲତର ବିଚାରପତି ଆକାଂକ୍ଷିତ ମିଶ୍ର ୩୨ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୨୧ଟି ଦସ୍ତାବିତ, ଡାକ୍ତରୀ ରିପୋର୍ଟକୁ ଅଧାର କରି ଅଭିଯୁକ୍ତ ଶଙ୍କର୍ଷଣକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ଏହି ମାମଲାକୁ ସରକାରଙ୍କ ତରଫରୁ ପୋକ୍ସୋ ଅଦାଲତର ସ୍ପେଶାଲ ପିପି ନୀରଞ୍ଜନ ସାହୁ ପରିଚାଳନା କରୁଥିଲେ।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ; ୩ ଗିରଫ

**ଗଁଦିଆ ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ବରଦା ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ ଯୋଗୁ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବରଦା ଗ୍ରାମର ପ୍ରସନ୍ନ ଦେହୁରୀ(୨୩), ଅମର ବେହେରା (୨୮) ଏବଂ ସୂର୍ଯ୍ୟବେହେରା(୨୨)ଙ୍କ ସହିତ ଗ୍ରାମର ପୂର୍ଣ୍ଣ ସାହୁଙ୍କ ପୁଅ ଅମିନ ସାହୁଙ୍କ ପୂର୍ବଶତ୍ରୁତା ଥିଲା। ସୋମବାର ତିନିଜଣ ମିଳିତ ଭାବରେ ଅମିର୍ ସାହୁଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅମିନ ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକ ତାକୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାକୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଅମିନଙ୍କ ବାପା ପୂର୍ଣ୍ଣ ସାହୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଘରଭାଙ୍ଗି ଫସଲ ନଷ୍ଟକଲେ ହାତୀ

**ଢେଙ୍କାନାଳ,୬।୨(ସମିସ):** ଢେଙ୍କାନାଳ ବନଖଣ୍ଡ କପିଳାସ ରେଞ୍ଜ ଅନ୍ତର୍ଗତ ମହୁଲଖୋଳି ଗ୍ରାମରେ କିଛିଦିନ ହେବ ହାତୀ ଆତଙ୍କ ଲାଗିରହିଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦନ୍ତାହାତୀ ବିଭିନ୍ନ ସ୍ଥାନରେ ଉପଦ୍ରବ ଚଳାଇଛନ୍ତି। ସୋମବାର ରାତିରେ ଗ୍ରାମରେ ପଶି ହାତୀ ବିଭିନ୍ନ ସ୍ଥାନରେ ଘର, ପାଚେରି ଭାଙ୍ଗିବା ସହ ଫସଲ ନଷ୍ଟ କରିଛନ୍ତି। ବନବିଭାଗ ତରଫରୁ ତୁରନ୍ତ ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

**କଙ୍କଡାହାଡ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ପଣ୍ଡୁଆ ଫାଣ୍ଡି ଅନ୍ତର୍ଗତ ନୂଆ ଅଁଳାବେରେଣୀ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ସୁଶାନ୍ତ ପ୍ରଧାନ ମଙ୍ଗଳବାର ସକାଳ ସମୟରେ ପୋଖରୀକୁ ଗାଧୋଇବାକୁ ଯାଇ ଗଭୀର ପାଣିରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ତାକୁ ପୋଖରୀରୁ ଉଦ୍ଧାରକରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଯୁବକଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଦୁର୍ଘଟଣାରେ ୩ ଗୁରୁତର

**ହିନ୍ଦୋଳ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ହିନ୍ଦୋଳ ଏନଏସି ଅନ୍ତର୍ଗତ ଅରବିନ୍ଦ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ତିନିଜଣ ଆହତ ହୋଇଛନ୍ତି। ସକାଳ ୯ଟା ସମୟରେ ହିନ୍ଦୋଳ ଏନଏସି ୪ନମ୍ବର ୱାର୍ଡର ସାଗର ମହାପାତ୍ର ଏବଂ ୧୧ ନମ୍ବର ୱାର୍ଡର ରାଜା ମହାପାତ୍ର ଏକ ବାଇକ୍ ଯୋଗେ ରିଜିଓନାଲ କଲେଜକୁ ଯାଉଥିବା ବେଳେ ପାଞ୍ଚମାଇଲ ଅଞ୍ଚଳର ରମେଶ ଜେନାଙ୍କ ସହିତ ଅରବିନ୍ଦ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ମୁହାଁମୁହି ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରରେ ତିନି ଜଣ ଛିଟିକି ପଡ଼ିଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ଅଗ୍ନିଶମ ବାହିନୀର କର୍ମଚାରୀମାନେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାକୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ଢେଙ୍କାନାଳ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ କେରେଯୋଳି ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସେଠୀଙ୍କର ଶନିବାର ସକାଳ ସମୟରେ ୮୦ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ସମାଜସେବୀ ଭାବରେ ବେଶ ପରିଚିତ ଥିବା ବେଳେ ନବକୃଷ୍ଣ ଚୌଧୁରୀ ଏବଂ ମାଳିତୀ ଚୌଧୁରୀଙ୍କ ସହିତ ଉତ୍କଳ ନବଜୀବନ ମଣ୍ଡଳରେ କାମକରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେ କଂଗ୍ରେସର ସକ୍ରିୟ କର୍ମୀ ଭାବରେ ବେଶ ପରିଚିତ ଥିଲେ। ଏହା ସହିତ ସେ ତିନିଥର ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିବା ବେଳେ ୨୫ବର୍ଷ ଧରି ବିଭିନ୍ନ କାର୍ଯ୍ୟ କରିଯାଇଛନ୍ତି। ସେ କେରେଯୋଳି ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ହୋଇଥିବା ବେଳେ ରମେଶ୍ୱର ମନ୍ଦିର କମିଟି ସଦସ୍ୟ, କଙ୍କଡାହାଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଭାବରେ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀ, ସାଧନ କର୍ମୀଙ୍କୁ ଅଶାଳୀନ ବ୍ୟବହାର

### ନ୍ୟାୟ ପାଇଁ ଅଭିଭାବକ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କାମାକ୍ଷାନଗର,୬।୨ (ସମିସ)**



ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ସାଧନ କର୍ମୀ ଅଶାଳୀନ ବ୍ୟବହାର କରିଥିବା ନେଇ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ସମଗ୍ର ଶିକ୍ଷା ଅନ୍ତର୍ଗତ ନିବେଶୀ ଶିକ୍ଷା ବ୍ୟବସ୍ଥାରେ ବ୍ଲକରେ ଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସାଧନ କେନ୍ଦ୍ରରେ ସାଧନ କର୍ମୀଙ୍କ ଦ୍ୱାରା ବିଭିନ୍ନ ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। କାମାକ୍ଷାନଗର ଆଲୁଡୁମା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ସାଧନ କେନ୍ଦ୍ର ରହିଥିବା ବେଳେ ଶମ୍ମି ଷଡ଼ଙ୍ଗୀ ସାଧନ କର୍ମୀଭାବରେ କାର୍ଯ୍ୟ କରୁଛନ୍ତି। ଯେଉଁ ପିଲାମାନେ ବିଦ୍ୟାଳୟକୁ ଯିବାକୁ ଅକ୍ଷମତା ପ୍ରକାଶ କରିବେ ସେମାନଙ୍କର ସାମଗ୍ରୀକ ବିକାଶ ପାଇଁ ସାଧନ କେନ୍ଦ୍ରରେ କର୍ମୀଙ୍କ ଦ୍ୱାରା ଶାରୀରିକ ତାଲିମ ସହିତ ଡାକ୍ତରୀ ପରୀକ୍ଷା, ଖେଳକୁଦ, ଖେଳନା ଦ୍ୱାରା ଶିକ୍ଷା, ଶ୍ରବଣ ଯନ୍ତ୍ର, ହୁଇଲ ଚେୟାର ଦେବାର ବ୍ୟବସ୍ଥା ରହିଛି। ଏଠାରେ ଥିବା ସାଧନ କର୍ମୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଘୃଣା କରିବା ସହିତ ଦୁର୍ବବହାର କରୁଥିବାର ଅଭିଭାବକମାନେ ଲିଖିତ ଭାବରେ ଉପଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ସାଧନ କର୍ମୀ କେନ୍ଦ୍ରକୁ ଆସୁଥିବା ଖାଦ୍ୟ ପାନୀୟ ଦେବାରେ କୁଣ୍ଠା ପ୍ରକାଶ କରିବା ସହିତ ସେହି ଟଙ୍କାକୁ ଆତ୍ମସାତ କରୁଥିବାର ଜଣାପଡ଼ିଛି। ଏହାର ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଇଓ ସରୋଜ କୁମାର ସାହୁ କୁହନ୍ତି ଯେ, ୨୦୫ଜଣ ଦିବ୍ୟାଙ୍ଗ ଅଭିଭାବକ ଘଟଣା ସମ୍ପର୍କରେ ଉପବଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହିତ ତାଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗେଙ୍ଗୁଟିଆ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଢେଙ୍କାନାଳ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସରପଞ୍ଚ କୈଳାସ ଚନ୍ଦ୍ର ଦେହୁରୀ, ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ଚୀନା ସେଠୀ, ପରିଚାଳନା ସମିତିର ସଭାପତି ପ୍ରଗତି ସାହୁ ଓ ମୋ ସ୍କୁଲ ଅଭିଯାନର ସଭାପତି ପ୍ରଦୀପ କୁମାର ମଲ୍ଲିକ ଯୋଗଦେଇଥିଲେ। ମୋ ସ୍କୁଲର ସଭାପତି ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ସୁନାଗରିକ ହେବା ସହିତ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ବୋଲି କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରିୟଦର୍ଶିନୀ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅଞ୍ଜଳି ପଟ୍ଟନାୟକ, ଅନିମା ସାହୁ, କ୍ରୀଡା ଓ ନୃତ୍ୟ ଶିକ୍ଷୟିତ୍ରୀ ରେବତୀ ସାହୁ, ଶିକ୍ଷକ ଅରୁଣ ସାହୁଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ୧୪ ବର୍ଷ ହେଲା ରାଜ୍ କରୁଛନ୍ତି ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ

**ଭୁବନ,୬।୨ (ସମିସ)**

ଭାରତ ସରକାରଙ୍କ ନିର୍ବାଚନ ଆୟୋଗ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ୩ ବର୍ଷ କିମ୍ବା ତା ଠାରୁ ଅଧିକ ଦିନ ଧରି କାର୍ଯ୍ୟ କରିଥିବା ଅଧିକାରୀଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକରେଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଭୁବନ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଯନ୍ତ୍ରୀ ଦୀର୍ଘ ୧୪ ବର୍ଷ ଧରି ଏଠାର କାର୍ଯ୍ୟ କରୁଛନ୍ତି। ଯନ୍ତ୍ରୀ ସୋନାଲୀ ନାଏକ ଗତ ୨୦୦୮-୦୯ରେ ଭୁବନ ଜନସ୍ୱାସ୍ଥ୍ୟ ବିଭାଗରେ କନିଷ୍ଠ ଯନ୍ତ୍ରୀଭାବରେ ଯୋଗଦେଇଥିଲେ। ଗତ ୨୦୧୩-୧୪ରେ ସହକାରୀ ଯନ୍ତ୍ରୀ ଭାବରେ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ନହୋଇ ଏଠାରେ ରହି ଅଦ୍ୟାବଧି କାର୍ଯ୍ୟ କରୁଛନ୍ତି। କନିଷ୍ଠ ଯନ୍ତ୍ରୀଭାବରେ ୪ବର୍ଷ, ସହକାରୀ ଯନ୍ତ୍ରୀଭାବରେ ୧୦ବର୍ଷ ଏଭଳି ୧୪ବର୍ଷ ଧରି ରାଜ କରୁଛନ୍ତି। ମାତ୍ରାଧିକ ଦୁର୍ନୀତି ଅଭିଯୋଗ ରହିଥିଲେ ମଧ୍ୟ ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବା ଅଭିଯୋଗ ହେଉଛି। କୋଟି କୋଟି ଟଙ୍କାର ପାଇପ ବିଛା କାର୍ଯ୍ୟରେ ଜନୈକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଟେଣ୍ଡର ଦିଆଯାଉଥିବା ବେଳେ ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ମଧ୍ୟ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଦିଆଯାଇଛି। ପାଇପ ବିଛା କାର୍ଯ୍ୟପାଇଁ ସାରା ସହର ରାସ୍ତାକୁ ଖୋଳି ନଷ୍ଟ କରିଦେଇଛନ୍ତି। ଏନଏସି ତରଫରୁ ନିର୍ମାଣ କରାଯାଇଥିବା ଫେବର ରାସ୍ତାକୁ ମଧ୍ୟ ଖୋଳି ନଷ୍ଟ କରି ଦେଇଛନ୍ତି। ପାଇପ କାର୍ଯ୍ୟ ପାଇଁ ଯେଉଁ ରାସ୍ତାରେ ଖୋଳା ଯାଉଛି, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ମରାମତି କରାନଯାଇ ସେମିତି ଛାଡି ଦିଆଯାଇଛି। ରାସ୍ତାଖରାପ ହେବା ସହିତ ସୌନ୍ଦର୍ଯ୍ୟହାନୀ ହେଉଛି। ସର୍ବନିମ୍ନ ୩ଫୁଟ ଖୋଳିବାର ନିୟମ ଥିବା ବେଳେ ଏକଫୁଟ କିମ୍ବା ଦେଢ଼ଫୁଟ ଖୋଳାଯାଉଛି। ଫଳରେ ଭାରୀଯାନ ଚଳାଚଳ ଯୋଗୁ ପାଇପ ଫାଟି ରାସ୍ତାରେ ପାଣିର ସୁଅ ଛୁଟୁଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସତ୍ତ୍ୱେ ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ ହୋଇପାରୁନାହିଁ। ନିୟମିତ ଭାବରେ ପାନୀୟ ଜଳ ଯୋଗାଣ ହେଉନାହିଁ। ଅନେକ ସ୍ଥାନରେ ଲୋ ପ୍ରେସର ଯୋଗୁ ଜନସାଧାରଣ ପାଣି ପାଇପାରୁ ନଥିବାର ଅଭିଯୋଗ ହେଉଛି। ବିପିଏଲ କନେକସନରେ ବ୍ୟାପକ ଦୁର୍ନୀତି ହେଉଥିବାର ଜଣାପଡ଼ିଛି। ପୂର୍ବରୁ ଅଧିକାଂଶ ବିପିଏଲ, ଏପିଏଲ ଲୋକ ବିଭାଗୀୟ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଘରକୁ ପାଇପ କନେକସନ ନେଇଥିବା ବେଳେ ବିପିଏଲ ତାଲିକା ଦେଖି ସମସ୍ତଙ୍କୁ ରେଗୁଲାର କରିବା ପାଇଁ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଜଣାପଡ଼ିଛି। ଯନ୍ତ୍ରୀ ଅଦୌ କାର୍ଯ୍ୟାଳୟକୁ ଆସୁନଥିବାରୁ ସାଧାରଣ ଲୋକ ନିଜର ସମସ୍ୟା ଜଣାଇପାରୁନଥିବାର ଅଭିଯୋଗ ହେଉଛି। ଯଦି କୌଣସିବ୍ୟକ୍ତି ତାଙ୍କ ସରକାରୀ କ୍ୱାର୍ଟର୍ସକୁ ଯାଇ ଅଭିଯୋଗ କରେ ସେ ତାକୁ ସେଠାରୁ ତଡିଦେଉଥିବାର ଜଣାପଡ଼ିଛି। ଯନ୍ତ୍ରୀଙ୍କୁ କୌଣସି ବିଭାଗୀୟ ପାଣି ପାଇପ କାର୍ଯ୍ୟରେଦେଖିବାକୁ ମିଳିନାହିଁ। ସର୍ବଦା ନିଜର ଅଧସ୍ତନ କର୍ମଚାରୀଙ୍କୁ ପଠାଇଦେଉଛନ୍ତି। ପ୍ରତ୍ୟେକ ସରକାରୀ ସଭା ସମିତିରେ ଯନ୍ତ୍ରୀଙ୍କ ବଦଳରେ ତାଙ୍କର ପ୍ରତିନିଧ ଯୋଗଦେଉଥିବାର ଜଣାପଡ଼ିଛି। ଏ ଦିଗରେ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ଦିଗରେ ପଦକ୍ଷେପ ନେବାକୁ କାଉନସିଲର ଗିରିଧାରୀ ସାହୁ, ସୁଶାନ୍ତ ନାୟକ, ନରେନ୍ଦ୍ର ବେହେରା, ପପୁ କୁମାରସାହୁ ପ୍ରମୁଖ ଦାବି କରିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଗଁଦିଆ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାଶୀପୁର ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ଚଞ୍ଚଳା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଥିବାବେଳେ ବିଡିଓ ପବିତ୍ର କୁମାରବେହେରା, ସମ୍ମାନିତ ଅତିଥି ଭାବରେଗଁଦିଆ ବିଜେଡି ସଭାପତି ବିଶ୍ୱନାଥ ଜେନା, ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ, ବ୍ଲକ ଯୁବ ବିଜେଡି ସଭାପତି ପ୍ରଦୀପ କୁମାର ରାଉତ, ବିଜେଡି ନେତା ନବ କିଶୋର ସାମଲ, ସମିତି ସଭ୍ୟ ମନୋଜ ମାନସିଂ, ସମାଜସେବୀ ଅରୁପାନନ୍ଦ ବାରିକଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ। ଏହି ଯୋଜନାରେ କାଶିପୁର ପଞ୍ଚାୟତରେ ୧୩ ପ୍ରକଳ୍ପ ପାଇଁ ପଚାଶ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିବା ବେଳେ ୧୦୮୩ ପରିବାରକୁ ବିଜୁ ସ୍ୱାସ୍ଥ୍ୟକାର୍ଡ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଦୁଇଟି ପ୍ରକଳ୍ପ ପାଇର୍ ୮ଲକ୍ଷ, ୨୨୦ ପରିବାର ପାଇଁ କାଳିଆ ଯୋଜନାରେ ସହାୟତା, ସାମାଜିକ ସୁରକ୍ଷା ଯୋଜନାରେ ୬୦୪ଜଣଙ୍କୁ ଭତ୍ତା, ୫୭ଟି ମିଶନ ଶକ୍ତିକୁ ୧୭୧କୋଟି ଟଙ୍କାର ବିନା ସୁଧରେ ଋଣ ପ୍ରଦାନ, ୧୭୦ପରିବାରକୁ ରାସନ କାର୍ଡ, ୧୬୭ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ସଂଗ୍ରାମ ଶତପଥୀ ପରିଚାଳନା କରିଥିଲେ।



## ତାଳଧ୍ୱଜ ରଥ ଚକକୁ ବିପୁଳ ସମ୍ବର୍ଦ୍ଧନା

**ଢେଙ୍କାନାଳ,୬।୨(ସମିସ):** ଢେଙ୍କାନାଳର ପ୍ରସିଦ୍ଧ ଶ୍ରୀ ଶ୍ରୀ ବଳରାମ ମନ୍ଦିରକୁ ପୁରୀରୁ ମଙ୍ଗଳବାର ତାଳଧ୍ୱଜ ରଥ ମୂର୍ତ୍ତିଚକ ଏବଂ ଏକ ମୂର୍ତ୍ତି ଗୁଜ ଅଣାଯାଇଛି। ଏହି ତାଳଧ୍ୱଜ ରଥ ମୂର୍ତ୍ତିଚକ ଓ ମୂର୍ତ୍ତି ଗୁଜ ପୁରୀରୁ ଆସି ପହଞ୍ଚିବା ପରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ ସହିତ ହରିବୋଲ ହୁଳହୁଳି ମାଧ୍ୟମରେ ସ୍ୱାଗତ କରାଯାଇଥିଲା। କଲେଜ ବାଇପାସ୍ ନିକଟରେ ପହଞ୍ଚିବା ପରେ ସଙ୍କୀର୍ତ୍ତନ ଦଳ ସହିତ କୁଞ୍ଜକାନ୍ତ, ପିଡବ୍ଲ୍ୟୁଡି ରୋଡ, ମହାବୀର ବଜାର, ବାଜିଚୌକ, ଶାସନ ଛକ, ଜଗନ୍ନାଥ ରୋଡ, ଗଣେଷ ବଜାର, ରଥଗଡ଼ା ଦେଇ ବଳରାମ ମନ୍ଦିରକୁ ଯାଇଥିଲା। ବଜାରର ପ୍ରତ୍ୟେକ ଛକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ମହିଳାମାନେ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିଥିଲେ। ଉପଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସହିତ ଦେବୋତ୍ତର ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିଥିଲେ।



## ଲାଉଲଇରେ ସଚେତନତା ଶିବିର

**ଗଁଦିଆ ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଲାଉଲଇ ପଞ୍ଚାୟତ କାର୍ଯ୍ୟାଳୟରେ ବିଜେଡିର ସଚେତନତା ଅନୁଷ୍ଠିତ ହୋଇଯାଇଛି। ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀମାରାଣୀ ଖଟୁଆ, ସରପଞ୍ଚ ବିଜୟଲକ୍ଷ୍ମୀ ରାଉଳ ଏବଂ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସରକାରଙ୍କ ବିଭନ୍ନ ଉନ୍ନତି ମୂଳକ କାର୍ଯ୍ୟର ଆଲୋଚନାକରିଥିଲେ। ଲାଇଲଇ ପଞ୍ଚାୟତର ଉନ୍ନତି ପାଇଁ ସମସ୍ତ ଯୋଜନା କାର୍ଯ୍ୟକ୍ଷମ, ଲୋକନୃତ୍ୟ ଏବଂ ପାଲା ମାଧ୍ୟମରେ ପରିବେଷଣ କରାଯାଇଥିଲଶ। ମିଶନ ଶକ୍ତି ଏବଂ ଏସଏସଜି ଗ୍ରୁପର ମହିଳା ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

**ଢେଙ୍କାନାଳ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଲ୍ୟାଣସୌରଭ ଦାସ ଶୁଭ ଉଦଘାଟନ କରିଛନ୍ତି। କୌଣସି ଶିଶୁ ଯେପରି ସୁଶିକ୍ଷା ପାଇବାରୁ ବଞ୍ଚିତ ନହେଉ। ପୂର୍ବ ବର୍ଷ ଏହି ସଚେତନତା ରଥ ମାଧ୍ୟମରେ ଅଧାରୁ କୌଣସି କାରଣରୁ ପାଠ ଛାଡିଥିବା ଅନେକ ପିଲାମାନେ ବିଦ୍ୟାଳୟକୁ ଯାଉଥିବା ଦେଖିବାକୁ ମିଳିଛି ବୋଲି ଭୁବନ ଗୋଷ୍ଠୀ ଶିକ୍ଷାଧିକାରୀ ଆଦିତ୍ୟ କୁମାର ସାମଲ ପ୍ରକାଶ କରିଛନ୍ତି। ଏହି ଶିକ୍ଷା ସଚେତନତା ରଥ ଆସନ୍ତା ୩ଦିନ ମଧ୍ୟରେ ଭୁବନ ବିଜ୍ଞାପିତ ଅଞ୍ଚଳ ସହିତ ବ୍ଲକର ସମସ୍ତ ୧୮ଗୋଟି ପଞ୍ଚାୟତ ବୁଲି ସଚେତନତା ବାର୍ତ୍ତା ଦେବ ବୋଲି ଜଣାପଡ଼ିଛି।

## ବିର୍ସାମୁଣ୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ

**କଙ୍କଡାହାଡ,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ କଣ୍ଟାପାଳ ପଞ୍ଚାୟତ ଶାଗବାରୀ ଗ୍ରାମରେ ତୃତୀୟ ବିର୍ସା ମୁଣ୍ଡା ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ପ୍ରାୟ ୬୦ଦଳ ଅଂଶଗ୍ରହଣ କରିଥିବା ବେଳେ ୫ ଦିନ ଧରି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିର୍ସାମୁଣ୍ଡା ଫୁଟବଲ ସଭାପତି ସୁକିଲାଲ ବିର୍ସା ଉପସଭାପତି ରାଜେନ୍ଦ୍ର ବିର୍ସା ଓ ଗ୍ରାମର ୱାର୍ଡ ସଭ୍ୟ ଡିଲେଶ୍ୱର ବିର୍ସା ଖେଳର ସହ ପ୍ରାୟୋଜକ ଥିଲେ। ମୁଖ୍ୟ ଅତିଥି ଭାବରେ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ବିଭୁତି ଭୁଷଣ ପ୍ରଧାନ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। କଙ୍କଡାହାଡ ବ୍ଲକର ବରିଷ୍ଠ ବିଜେପି ନେତା ବଳଭଦ୍ର ସାହୁ ଏବଂ ପୂର୍ବତନ ସରପଞ୍ଚ ଲୋକନାଥ ସିଂହ, ଓ ନାଉରୀ ସିଂହ ଉପସ୍ଥିତ ରହିଥିଲେ।

## ଡୋଲିଆ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କାମାକ୍ଷାନଗର,୬।୨(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ବାମ ପଞ୍ଚାୟତ ଡୋଲିଆ ଖେଳ ପଡ଼ିଆଠାରେ ଡୋଲିଆଗୋବରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଫକୀରଚରଣ ମହାନ୍ତ, ଗ୍ରାମ ସଭାପତିଙ୍କ ସହିତ ଯୁବ ସାମ୍ବାଦିକ ତଥା ସାଇ ସେବା ସଙ୍ଗଠନର ସମ୍ପାଦକ ପ୍ରବୀଣ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳ ବିଷୟରେ ଛାତ୍ରଛାତ୍ରଙ୍କୁ ଅବଗତ କରିଥିଲେ। ଡୋଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ପାତ୍ର, ଶିକ୍ଷକ ଅଭୟ କୁମାର ନାୟକ, ନିର୍ମଳୀ ସିଂହ ଏବଂ ଅଶୋକ ପଣ୍ଡା ଖେଳକୁ ପରିଚାଳନା କରିଥିଲେ।

• ପିଇଓ, ଜିଆର୍‌ଏସ୍‌ଙ୍କ ବଦଳି ଦାବି

# କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ସରପଞ୍ଚ

**କଙ୍କଡାହାଡ଼,୬।୨(ସମିସ)**

ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ ମକୁଆକାଟେଣୀ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଦୀର୍ଘଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏହାକୁ ନେଇ ମକୁଆକାଟେଣୀ ସରପଞ୍ଚ ବିଡିଓଙ୍କ ଦ୍ୱାରସ୍ଥ ହେବା ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଜଣାପଡ଼ିଛି।

ମକୁଆକାଟେଣୀ ସରପଞ୍ଚ ଦୀପା ମଞ୍ଜରୀ ସାହୁଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ଏବଂ ଜିଆରଏସ୍ କାର୍ଯ୍ୟାଳୟକୁ ଆସିବା ତ ଦୂରର କଥା, ଦୁଇ କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟନେଇ ଅତିଷ୍ଠ ହୋଇପଡ଼ିଛନ୍ତି। ପୂର୍ବରୁ ସରପଞ୍ଚ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବାଧହୋଇ ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ। ଫଳରେ ପଞ୍ଚାୟତରେ ବର୍ଷ ବର୍ଷ ଧରି ଲୋକମାନେ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ପାଇନଥିବାର ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ସେମାନଙ୍କୁ ତୁରନ୍ତ ବଦଳି ସହିତ ନୂତନ ପିଇଓ ଏବଂ ଜିଆରଏସଙ୍କୁ ନିଯୁକ୍ତି କରାନଗଲେ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ସରପଞ୍ଚଙ୍କ ସହିତ ସମସ୍ତ ୱାର୍ଡ ସଦସ୍ୟ ଧାରଣାରେ ବସିବେ ବୋଲି ଲିଖିତ ଭାବରେ ଜଣାଇଥିଲେ। ଏହାକୁ ନେଇ ଧାରଣାରେ ବସିବା ପରେ ବିଡିଓ ଯଶୋବନ୍ତ ଦେହୁରୀ ଓ ଥାନାଧିକାରୀ କଳ୍ପନା ବେହେରା ପହଞ୍ଚି ସରପଞ୍ଚଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ସରପଞ୍ଚ ନିଜ ଜିଦରେ ଅଟଳ ରହିବାରୁ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚଙ୍କ ସହିତ ଧାରଣାରେ ବସିଥିବା ୱାର୍ଡ ମେମ୍ବର, ନାଏବ ସରପଞ୍ଚଙ୍କୁ ବୁଝାସୁଝା କରିବା ପରେ ସନ୍ଧ୍ୟା ସମୟରେ ଧାରଣାରୁ ହଟିଥିବାର ଜଣାପଡ଼ିଛି।



# କୃଷ୍ଣ ଦାସପୁରରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା



ବାଲିକୁଦା, ୬।୨(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ କୃଷ୍ଣ ଦାସପୁର ପଞ୍ଚାୟତର ସଭା ଗୃହରେ ସେବିକା ନୟନା ଦେଈଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ କୃଷ୍ଣ ଦାସପୁର ସରପଞ୍ଚ ସ୍ମୃତିରଞ୍ଜନ ମଲ୍ଲ, ମୁଖ୍ୟବକ୍ତା ସମିତିସଭ୍ୟା ଗହମି ମୁଣ୍ଡ. ସମ୍ମାନିତ ଅତିଥି ରୂପେ ନାଏବ ସରପଞ୍ଚ କଳ୍ପନା ତ୍ରିପାଠୀ ଯୋଗଦାନ କରିଥିଲେ। ପ୍ରଥମେ ଅତିଥି ମାନଙ୍କ କର କମଳରେ ପ୍ରଦୀପ ପ୍ରଜ୍ୱଳନ ଓ ପରେ ପରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରାଯିବାପରେ କିଶୋରୀ ମାନଙ୍କ ମଧ୍ୟରେ ଝୋଟି, କୁଇଜ୍, ନୃତ୍ୟ, ଗୀତ ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କଳ୍ପନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନୁସ୍ମିତା ଦାସ୍, ପ୍ରିୟଙ୍କା ପଣ୍ଡା, ଜ୍ୟୋସ୍ନା ମୟୀ ବିଶ୍ୱାଳ, ଝରଣା ଦାସ, ମଞ୍ଜୁଲତା ବିଶ୍ୱାଳ ପରିଚାଳନା କରିଥିଲେ।

**୧୬ ଦିନରେ ପହଞ୍ଚିଲା ଗଣଧାରଣା**

# ୮ ପଞ୍ଚାୟତର ସମସ୍ତ ଅଫିସ ବନ୍ଦ କଲେ ଅଞ୍ଚଳବାସୀ

ରଘୁନାଥପୁର, ୬।୨ (ସମିସ):



ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ୧୦ଦଫା ଦାବି ନେଇ ରେଡ୍ଢୁଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଆଜକୁ ୧୬ଦିନ ହେଲା ୮ ଗୋଟି ପଞ୍ଚାୟତର ଅଞ୍ଚଳବାସୀ ସତ୍ୟାଗ୍ରହ କରୁଥିଲେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ପହଞ୍ଚି ସମାଧାନ ନିଷ୍ପତ୍ତି ନନେବାରୁ ଆଜି ବାଧ୍ୟ ହୋଇ ୮ଗୋଟି ପଞ୍ଚାୟତର ଜନସାଧାରଣ ଏହାର ପ୍ରତିବାଦରେ ବନ୍ଦ ପାଳନ କରିଛନ୍ତି। ରେଡ୍ଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, ବୃନ୍ଦାବନଚନ୍ଦ୍ର ହାଇସ୍କୁଲ, ରାଜସ୍ୱନିରୀକ୍ଷକ କାର୍ଯ୍ୟାଳୟ, ସମବାୟ କାର୍ଯ୍ୟାଳୟ, ଜୟପ୍ରକାଶ ଶିକ୍ଷାନିକେତନ, ଗୁଆଳିପୁର ହାଇସ୍କୁଲ, ରାଢ଼ଙ୍ଗ ଉଚ୍ଚ ବିଦ୍ୟାଳୟ, ସିଦ୍ଧେଶ୍ୱରୀ ଉ.ପ୍ରା. ବିଦ୍ୟାଳୟ, ଅନ୍ତ୍ୟୋଦୟ ହାଇସ୍କୁଲ, ରେଡ୍ଢୁଆ ବଜାର, ତଅଁରାବଜାର ଏବଂରାଢ଼ଙ୍ଗ ବଜାର ଆଦି ପଞ୍ଚାୟତରେ ଥିବା ସମସ୍ତ ବ୍ୟବସାୟ ଓ ସାପ୍ତାହିକ ହାଟ ବନ୍ଦରେ ସାମିଲ ହୋଇ ଏହାର ପ୍ରତିବାଦ କରିଥିଲେ। ଏହି ବନ୍ଦ ପାଳନରେ ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ଦେବୀପ୍ରସାଦ ମହାରଣା, ସ୍ନେହାଂଶୁ ଜେନା, ଜଇରାମ ରାଉତ, ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସରୋଜ କୁମାର ସେଠୀ, ରାଜକିଶୋର ମହାନ୍ତି, କଳ୍ପତରୁ ରାଉତ, ସୁବାସ ସାହୁ, ସଞ୍ଜୟ ନାୟକ, ପ୍ରଶାନ୍ତ ସ୍ୱାଇଁ, ପ୍ରଶାନ୍ତ ଖଟୁଆ, କୈଳାସ ଚନ୍ଦ୍ର ସ୍ୱାଇଁ, ଶାରଦା ଜେନା, ଭାସ୍କର ପାଳ, ନରେନ୍ଦ୍ର କୁମାର ସ୍ୱାଇଁ, ରଶ୍ମିରଞ୍ଜନ ଓଝା, ସନ୍ତୋଷ ସ୍ୱାଇଁ, ଆଶୁତୋଷ ସ୍ୱାଇଁ, ଗଗନ ବିଶ୍ୱାଳ, ପବିତ୍ର ଖୁଣ୍ଟିଆ, ଲଛମନ ବାରିକ, ରାକେଶ ସାହୁ, ଧିରେନ ପଟ୍ଟନାୟକ, ଅସିତ୍ ମହାରଣାଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ। ଏକ ବିରାଟ ଶୋଭାଯାତ୍ରାରେ ୮ଗୋଟି ପଞ୍ଚାୟତର ଲୋକମାନେ ସାମିଲ ହୋଇ ବନ୍ଦ ପାଳନ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ଏସପିଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପୁର ଥାନା ଆଇଆଇସି. ସୁଶାନ୍ତ କୁମାର ସେଠୀ, ଏସଆଇ ଯୋଗେଶ୍ୱର ବେହେରାଙ୍କ ନେତୃତ୍ୱରେ ବ୍ୟାପକ ପୁଲସ ମୁତୟନ ରହିଥିଲେ।

## ବର୍ଷିୟାନ ଅଭିନେତା ଓ ନିର୍ଦ୍ଦେଶକଙ୍କ ପରଲୋକ



ଜଗତସିଂହପୁର, ୬।୨ (ସମିସ): ଓଡ଼ିଆ ନାଟ୍ୟ ଓ ଚଳଚ୍ଚିତ୍ର ଜଗତର ବର୍ଷିଆନ ଅଭିନେତା ଓ ନିର୍ଦ୍ଦେଶକ ଶରତ ବିଶ୍ୱାଳ (ବୁଲୁଭାଇ) (୮୪ ବର୍ଷ)ଙ୍କର ବୟସରେ କଟକର ଏକ ଘରୋଇ ହସ୍ପିଟାଲରେ ହୃଦଘାତରେ ପରଲୋକ ଘଟିଯାଇଛି। ସ୍ୱର୍ଗତ ଶରତ ବିଶ୍ୱାଳ ଅଶୀ ଓ ନବେ ଦଶକରେ ଜଣେ ଲୋକପ୍ରିୟ ଅଭିନେତା ଓ ନିର୍ଦ୍ଦେଶକ ଥିଲେ। ତାଙ୍କ ଅଭିନୟ ଓ ନିର୍ଦ୍ଦେଶନାରେ ବହୁ ଚଳଚ୍ଚିତ୍ର ଓ ନାଟକ ଲୋକପ୍ରିୟ ହୋଇପାରିଥିଲା। ନାଟ୍ୟ ଓ ଚଳଚିତ୍ର ଜଗତରେ ସେ ସମସ୍ତଙ୍କ ନିକଟରେ ବୁଲୁଭାଇ ଭାବରେ ପରିଚିତ ଥିଲେ। ମୃତ୍ୟୁପରେ ତାଙ୍କ ପାର୍ଥିବ ଶରୀର କଟକର ସତୀଚଉରାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଚଳଚ୍ଚିତ୍ର ଓ ନାଟ୍ୟ ଜଗତର ବହୁ ନିର୍ଦ୍ଦେଶକ, ପ୍ରଯୋଜକ, ଅଭିନେତା ଓ ଜଗତସିଂହପୁର ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ମୃତ୍ୟୁରେ ତାଙ୍କର ଶେଷଦର୍ଶନ କରି ଗଭୀର ଶୋକପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଶରତ ବିଶ୍ୱାଳ ଜଗତସିଂହପୁର ସଦର ବ୍ଲକ ପଳାଷୋଳ ପଞ୍ଚାୟତ ଡିଙ୍ଗିଶ୍ୱର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଓ ତାଙ୍କର ଶିକ୍ଷା ଓ କର୍ମମୟ ଜୀବନ ଜଗତସିଂହପୁରରେ ଆରମ୍ଭ ହୋଇଥିଲା।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ

ନାଉଗାଁ, ୬।୨ (ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକିଠାରେ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ତଥା ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ଥାନୀୟ ଡେରିକି ବଜାରରେ ଭଜନ କୀର୍ତ୍ତନ ସହିତ ଏକ ରଥ ପରିକ୍ରମା କରାଯିବା ପରେ ସ୍ଥାନୀୟ ମେଡିକାଲ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପ୍ରତିରିତ୍ୱିକମାନେ ଗୁରୁ ଭାଇ ମାନଙ୍କୁ କେବଳ ଦୀକ୍ଷାନେଲେ ହେବନାହିଁ ବରଂ ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଯାହା ବିଧିବିଧାନ ରହିଛି ତାହାକୁ ସଠିକ୍ ରୂପରେ ପାଳନ କରିବା ଦରକାର ବୋଲି କହିଥିଲେ। ଏଥିସହିତ ବିନତୀ ପାର୍ଥନା, ନଗର କୀର୍ତ୍ତନ, ଇତ୍ୟାଦି କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁଭାଇମାନେ ପରିଚାଳନା କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲିକୁଦା, ୬।୨ (ସମିସ): ବାଲିକୁଦା ବ୍ଲକ କରମଙ୍ଗ ସଂସ୍କୃତ ମହାବିଦ୍ୟାଳୟଠାରେ ଅଧକ୍ଷ ଅଜୟ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ କୃତି ଶିକ୍ଷକ ଡ଼ ବିଷ୍ଣୁ ଚରଣ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନିରଞ୍ଜନ ପଣ୍ଡା, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ କୈଳାଶ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଆ ଭାଷା ଆମ ମାତୃଭାଷା ଓ ଏହାକୁ ନେଇ ଆମେ ଗର୍ବ କରିବା ସହ ଏହାର ପ୍ରଚାର ପ୍ରସାର କିଭଳି ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ସମ୍ବନ୍ଧରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ସରୋଜ ନଳିନୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ବାବୁଜୀ ଚରଣ ଭୋଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧାପିକା କାନନବାଳା ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଅଧାପକ ଆଲୋକ କୁମାର ମିଶ୍ର, କୃଷ୍ଣ ଚନ୍ଦ୍ର ମଲ୍ଲିକ, ଅଶୋକ କୁମାର ମହାନ୍ତି, ଅଧାପିକା ପ୍ରାଚିତରା ମୁଦୁଲି, ପ୍ରକାଶ କିଶୋର ସ୍ୱାଇଁ, ବୃନ୍ଦାବନ ମିଶ୍ର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରତାପ ଚନ୍ଦ୍ର ବାରିକ ଓ ବସନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଆ ଭାଷା ସାହିତ୍ୟରେ ସୋନି ଦ୍ୱିତୀୟ

ବିରିଡି, ୬।୨ (ସମିସ): ରାଜ୍ୟରେ ପ୍ରଥମ ଓଡ଼ିଆଭାଷା ସମିଳନୀ -୨୦୨୪ଅନୁଷ୍ଠିତ ହୋଇଯାଇଥିବାବେଳେ ଜଗତସିଂହପୁର ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଏହାକୁ ପାଳନ କରଯାଇଥିଲା। ଜିଲ୍ଲାସ୍ତରରେ ଆୟୋଜିତ ଓଡ଼ିଆଭାଷା ସାହିତ୍ୟ ପ୍ରତିଯୋଗିତାରେ ବିରିଡି ବ୍ଲକ ମହାବୀର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ସୋନି ଦଳାଇ ବ୍ଲକ ସ୍ତରରେ ପ୍ରଥମ ଓ ସମଗ୍ର ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବ୍ଲକକୁ ଗୌରବାନ୍ୱୀତ କରିଛନ୍ତି। ତାଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଓ ଅନ୍ୟ ବରଣ୍ୟ ଅତିଥିମାନେ ଉପସ୍ଥିତ ରହି ପ୍ରମାଣ ପତ୍ର ସହ ସମ୍ମାନିତ କରିଥିଲେ। ସେହିପରି ବ୍ଲକ ସ୍ତରରେ ତର୍କ ବିଭାଗରେ ରୁପାଲୀ ପଣ୍ଡା ପ୍ରଥମ, ଚିତ୍ରାଙ୍କନ ପ୍ରତିଯୋଗିତାରେ ତୁଷାରକାନ୍ତ ଶତପଥି ଦ୍ୱିତୀୟ ହୋଇଛନ୍ତି। କାର୍ଯ୍ୟକ୍ରମରେ ମଞ୍ଜୁଳା ସାହୁ ଉପସ୍ଥିତ ଥିଲେ।

## ଗ୍ୟାସ୍ ଟ୍ୟାଙ୍କର ଧକ୍କାରେ ବାଇକ ଚାଳକ ମୃତ



ପାରାଦୀପ, ୬।୨ (ସମିସ): ପାରାଦୀପ ଜିରୋ ପଏଣ୍ଟ ନିକଟରେ ଆଜି ସକାଳ ୮ ଟା ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ବାଇକ ଉପରେ ଗ୍ୟାସ ଟ୍ୟାଙ୍କର ଚଢି ଯିବାରୁ ଘଟଣାସ୍ଥଳରେ ବାଇକ ଆରୋହୀ କେନ୍ଦ୍ରାପଡ଼ା ଜିଲା ଗରଜଙ୍ଗା ଗ୍ରାମର ପ୍ରଭାତ ପାତ୍ର (୫୦) ଙ୍କର ମୃତ୍ୟୁ ଘଟିଛି। ପ୍ରଭାତ ପାରାଦୀପ ଷଣ୍ଢକୁଦ ଅଞ୍ଚଳର ଏକ କମ୍ପାନୀରେ ପାଇପଲାଇନ କାର୍ଯ୍ୟ କରୁଥିଲେ। ଆଜି ସକାଳୁ ସେ ନିଜ ବାଇକରେ କର୍ମକ୍ଷେତ୍ରକୁ ଆସୁଥିବା ବେଳେ ଜିରୋପଏଣ୍ଟ ନିକଟରେ ଏକ ଗ୍ୟାସ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ପ୍ରଭାତ ଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ଲକ୍ ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ, ଦୁର୍ଘଟଣା ଘଟାଇ ଥିବା ଗ୍ୟାସ ଟ୍ୟାଙ୍କରକୁ ମଧ ଜବତ କରି ଥାନାକୁ ଆଣିଛି।ଦୁର୍ଘଟଣା ଘଟାଇ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ମୃତ ବ୍ୟକ୍ତିର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ୬୩/୨୪ କେସ ରଜୁ କରାଯାଇଛି।

## ଖବର ପ୍ରକାଶ ପରେ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ୍

ପାରାଦୀପ, ୬।୨ (ସମିସ): ପାରାଦୀପ ନୂଆବଜାର ଅଞ୍ଚଳରେ ଏକ ମାଙ୍କଡର ଦୌରାତ୍ମ୍ ରେ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ।ମାଙ୍କଡଟି ଯାହାକୁ ଦେଖିଲା ଗୋଡେଇ ଗୋଡେଇ କାମୁଡ଼ିଲା। ଛୋଟ ପିଲାଠାରୁ ଆରମ୍ଭ କରି ବୃଦ୍ଧ ବୟସର ଲୋକ ବି ବାଦ୍ ପଡୁ ନଥିଲେ।ଏହି ମାଙ୍କଡ଼ ଆକ୍ରମଣରେ ଏକାଧିକ ଲୋକ



ଆହତ ହୋଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରି ଆସୁଥିଲେ।ଏହି ଖବର ଦୈନିକ 'ସକାଳ' ଖବରକାଗଜରେ ବାହାରିବା ପରେ ପାରାଦୀପ ଅଞ୍ଚଳର ଜଣେ ଜଣାଶୁଣା ପରିବେଶବିତ ଇଂ ପ୍ରଭାସ ଚନ୍ଦ୍ର ସ୍ୱାଇଁ ଏ ସମ୍ପର୍କରେ କୁଜଙ୍ଗ ବନ ବିଭାଗକୁ ଜଣାଇଥିଲେ।କୁଜଙ୍ଗ ବନ ବିଭାଗର ପ୍ରୟାସରେ ଗତ ୧ ତାରିଖରେ ମାଙ୍କଡଟିକୁ ଟ୍ରାଙ୍କୁଲାଇଜ କରାଯାଇ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ପରେ ବନ ବିଭାଗ ପକ୍ଷରୁ ୨/୩ ଦିନ ତାର ଚିକିତ୍ସା କରାଯାଇ ଆଜି ତାକୁ ସ୍ଥାନୀୟ ଜଟାଧାରୀ ଜଙ୍ଗଲ ମଧ୍ୟରେ ଛାଡି ଦିଆଯାଇଛି।

## ଶିକ୍ଷାବିତ୍ ନିକୁଞ୍ଜକିଶୋର ଦାସଙ୍କ ସ୍ମୃତିସଭା



ବିରିଡି, ୬।୨ (ସମିସ): ମୌଜା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା ପୂରଣ କଲେଜର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ନିକୁଞ୍ଜ କିଶୋର ଦାସଙ୍କ ପାଇଁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚାଷୀଖଣ୍ଡସ୍ଥିତ ହନୁମାନ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତିର୍ତୋଲ କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବ୍ରଜସୁନ୍ଦର ମିଶ୍ର ସଭାପତିତ୍ୱ ଜରିଥିଲେ। ଏଥିରେ ବର୍ଷିଆନ ବରିଷ୍ଠ ନାଗରିକ କଣ୍ଠୁରୀ ଚରଣ ବେହେରା, ଶିକ୍ଷାବିତ ଅରୁଣ କୁମାର ଦାସ, କ୍ୟାପଟେନ ସାରଦା ପ୍ରସନ୍ନ ଦାସ, ଅବସରପ୍ରାପ୍ତ ସରକାରୀ ଅଧିକାରୀ ଶ୍ୟାମସୁନ୍ଦର ପାଇକରାୟ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତି ଚାରଣ କରିବାସହ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ଓ ସମାଜ ପାଇଁ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟେଷ୍ଠ ପୁତ୍ର ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ସିଦ୍ଧାର୍ଥ ଦାସ, ବ୍ୟାଙ୍କ ପରିଚାଳକ ଗୌତମ ଦାସଙ୍କ ସମେତ ଶିଶିର ଦାସ, ତୀର୍ଥାନନ୍ଦ ଦାଶ, ସୁବଳ ପାତ୍ର, ନନ୍ଦକିଶୋର ବସ୍ତିଆ, ରତିକାନ୍ତ ପାଳ, ଓ ବହୁ ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ଦିବଙ୍ଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବାଲିକୁଦାରେ ନୂତନ ତହସିଲଦାର



ବାଲିକୁଦା, ୬।୨(ସମିସ): ବାଲିକୁଦା ତହସିଲଦାର ଅଂଶୁମାନ ଶତପଥୀ ପଦୋନ୍ନତି ପାଇ ଅତିରିକ୍ତ ଜିଲ୍ଲାପାଳ ଭାବେ ଯାଜପୁରଠାରେ ଯୋଗ ଦେଇଛନ୍ତି।କେନ୍ଦ୍ରାପଡ଼ା ତହସିଲଦାର ଭାବେ କାର୍ଯ୍ୟରତ ଥିବା ଆଲୋକ ରଞ୍ଜନ ସେଠୀ ନୂତନ ତହସିଲଦାର ଭାବେ ବାଲିକୁଦା ତହସିଲ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି।ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଅନେକ ବୁଦ୍ଧିଜୀବୀ ଆଜି ଶ୍ରୀ ସେଠୀଙ୍କୁ ସ୍ୱାଗତ କରିଥିଲେ।

## ଯୁବ ସମାଜସେବୀଙ୍କୁ ସାଧୁତା ଗୌରବ ସମ୍ମାନ



ନାଉଗାଁ, ୬।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଧାରୀ ପଞ୍ଚାୟତ ଏରଡା ଗ୍ରାମର ଯୁବ ସମାଜସେବୀ ତଥା ପୂର୍ବତନ ସମିତିସଭ୍ୟ ପ୍ରଭାତ କୁମାର ସ୍ୱାଇଁଙ୍କୁ ଭୁବନେଶ୍ୱରସ୍ଥିତ ସାଧୁତା ସ୍ୱନକ୍ଷତ୍ର ଉତ୍ସବରେ ସାଧୁତା ଗୌରବ ସମ୍ମାନ -୨୦୨୪ ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ଆମ ରାଜ୍ୟର ସମସ୍ତ ଜିଲ୍ଲାଗୁଡିକ ମଧ୍ୟରେ କରାଯାଇଥିବା ସର୍ଭେ ଅନୁସାରେ ସମାଜ ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଥିବା ଯୁବକ ମାନଙ୍କ ମଧ୍ୟରୁ ଶ୍ରୀ ସ୍ୱାଇଁଙ୍କୁ ଏହି ସମ୍ମାନ ମିଳିଥିବାରୁ ଗଳଧାରୀ ପଞ୍ଚାୟତ ସମେତ ନାଉଗାଁ ବ୍ଲକ ତଥା ଆମ ଜିଲ୍ଲାପାଇଁ ଏହା ଏକ ଗୌରବ ଆଣିଦେଇଛି। ଯାହାକୁନେଇ ପଞ୍ଚାୟତର ସରପଞ୍ଚ ଦିଲ୍ଲିପକୁମାର ନାୟକ, ଯୁବ ସମାଜସେବୀ ଡମ୍ବରୁଧର ବସ୍ତିଆଙ୍କ ସମେତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶ୍ରୀ ସ୍ୱାଇଁଙ୍କୁ ଏକ ଶୋଭାଯାତ୍ରାରେ ଗାଁକୁ ପାଛୋଟି ଆଣିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।

# ରାଜା ସ୍ମାରକୀ ଟୁର୍ଣ୍ଣାମେଣ୍ଟ; ଗୋଷଣଦେଇପୁର ଚାମ୍ପିଅନ

ଜଗତସିଂହପୁର, ୬।୨ (ସମିସ):



ସ୍ଥାନୀୟଗୋପାଳସାଗରଠାରେଥିବା ଆଜାଦ୍ କ୍ଲବ୍ ଖେଳ ପଡ଼ିଆଠାରେ ୧୪ତମ ରାଜା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ୍‌ରେ ଏମ ଟି ସି ଟି ଗୋଷଣଦେଇପୁର ଓ ଏମ ଡି ସି ସି ଅଳାଭଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଅଳାଭଳ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୬ ଓଭରରେ ୭ ୱିକେଟ ହରାଇ ୩୦ ରନ ସଂଗ୍ରହ କରିଥଲା। ଦଳ ପକ୍ଷରୁ ପ୍ରକାଶ ସର୍ବାଧିକ ୧୦ ରନ୍ କରିଥିଲେ।ଗୋଷଣଦେଇପୁର ପକ୍ଷରୁ ମୋଜାଇଲ ଦୁଇ ଓଭର ବୋଲିଂ କରି ୫ ରନ ଦେଇ ୩ ଗୋଟି ଉଇକେଟ ଅକ୍ତିଆର କରିଥିଲେ। ୩୧ ରନକୁ ପିଛା କରି ଗୋଷଣଦେଇପୁର ୪ ଓଭର ୨ ବଲ୍‌ରେ ବିଜୟଲାଭ କରିଥିଲା।ଦଳ ପକ୍ଷରୁ ଅଭିଷେକ ବ୍ୟକ୍ତିଗତ ୧୬ ରନ୍ କରିଥିଲେ।ଏହି ଅନ୍ତିମ ଦିବସରେରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୩୦,୦୦୦ ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଉପବିଜେତା ଦଳ ବାଲିକୁଦାର ଅଳାଭରକୁ ଟ୍ରଫି ସହ ୨୦, ୦୦୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣୀ ଉତ୍ସବ ରେ ସମ୍ମାନୀତ ଅତିଥିଭାବେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ର ସଭାପତି ସମୀର ଲେଙ୍କା, ୱାର୍ଡ ୭ର ପାରିଷଦ ଗୋଲାମ ଅଲି ଖାନ, ୱାର୍ଡ ୧୭ ପାରିଷଦ ଦେବାଶିଷ ସ୍ୱାଇଁ, ଅଧାପକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ପୂର୍ବତନ ପାରିଷଦ ସୁଶାନ୍ତ ରଞ୍ଜନ ସ୍ୱାଇଁ, ବିଜେଡ଼ି ଯୁବ ସଂଗଠକ ବିଦ୍ୟୁଭୂଷଣ ଦାସ, ଯୁବ ସମାଜ ସେବୀ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ବିଜେଡ଼ି ଯୁବ ସଂଗଠକ ହିମାଂଶୁ ସେଠୀ ପ୍ରମୁଖ ଯୋଗଦେଇ ମ୍ୟାଚରେ ଯୋଗ୍ୟ ବିବେଚିତ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଅଭିଷେକ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ମୋଜାଇଲ୍, ବେଷ୍ଟ ଫିଲ୍ଡର ଅଭିଷେକ, ବେଷ୍ଟ କିପର ବନ୍ଧନ, ଇନିଂସ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ମୋଜାଇଲ୍, ବେଷ୍ଟ ବ୍ୟାଟ୍ସମ୍ୟାନ୍ ପପୁ, ବେଷ୍ଟ ବୋଲର ବିଶ୍ୱନାଥକୁ ପୁରସ୍କୃତ କରିଥିଲେ।ଏହି ଟୁର୍ଣ୍ଣାମେଣ୍ଟରେ ବୁଢ଼ାବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ୫୦୧ ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ ଅନ୍ତର୍ଯ୍ୟାମୀ ବାରିକ ଓ ସ୍ୱାଧୀନ ପଟ୍ଟନାୟକ।

# ପଟିଲୋ ଓ ଜଡ଼ତିରାରେ ସଚେତନତା ଶିବିର



ତିର୍ତ୍ତୋଲ, ୬।୨ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପଟିଲୋ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ରାଜ୍ୟସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ସରପଞ୍ଚ ସୁପ୍ରଭା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରା, ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତି, ଏବିଡିଓ ସତ୍ୟଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଥ, ପିଇଓ ଭୀମସେନ ମୁର୍ମୁ, ଜିଆରଏସ ତୁଷାରକାନ୍ତି ବେହେରା, କନିଷ୍ଠ ଯନ୍ତ୍ରୀ ଲୋପାମୁଦ୍ରା ବେଉରା, ଏମବିକେ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଘୋଡାନାଚ ଓ ପାଲା ମାଧ୍ୟମରେ ରାଜ୍ୟସରକାରଙ୍କ ଲକ୍ଷ୍ମୀ ବସ, ଓଡ଼ିଶା ଜୀବିକ ମିଶନ, ମମତା, ବିଜୁ ସ୍ୱାସ୍ଥ୍ୟ କାର୍ଡ ସମେତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିକାଶ ମୁଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସଚେତନତା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଜନହିତକର ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଜଡତିରା ପଞ୍ଚୟତ ମାତାମଠଠାରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ସ୍ଥାନୀୟ ସରପଞ୍ଚ ଶିବପ୍ରସାଦ ସାହୁ ଅଧକ୍ଷତା କରିଥିଲେ। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, ଏବଇଓ ନାରାୟଣ ପ୍ରସାଦ ଦାଶ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ।

# ଏନ୍‌ଟିପିସି ବଣିକ ସଂଘ ପକ୍ଷରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ

କଣିହାଁ, ୬।୨(ସମିସ): କଣିହାଁ ବ୍ଲକ ଏନ୍‌ଟିପିସି ବଣିକ ସଂଘ ପକ୍ଷରୁ ମଙ୍ଗଳବାର ଏନଟିପିସି ବାଇପାସ୍ ତେଲିସିଂହା ଛକରେ ଧାରଣାରେ ଆନ୍ଦୋଳନ ଜାରି ରହିଛି। ଆଜି ବଣିକ ସଂଘ ପକ୍ଷରୁ ସମସ୍ତ ଦୋକାନ ବଜାର ବନ୍ଦ୍ କରାଯାଇ ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। ଏନ୍‌ଟିପିସି ବଜାର ମଧ୍ୟସ୍ଥଳ ଦେଇ ଯାଇଥିବା ଜାତୀୟ ରାଜପଥରେ ୨୪ଘଣ୍ଟିଆ କୋଇଲା, ପାଉଁଶ ପରିବହନକୁ ବିରୋଧ ସହ କଣିହାଁ ତହସିଲ୍ କାର୍ଯ୍ୟାଳୟରେ ହୋଇଥିବା ସମାଧାନୀ ବୈଠକର ନିଷ୍ପତି କାର୍ଯ୍ୟକାରୀ ହେଲା ନାହିଁ। ବ୍ଲକ ଅଧିବାସୀଙ୍କ ବୃହତର ସ୍ୱାର୍ଥକୁ ନେଇ ବୈଠକରେ ୮ସୂତ୍ରୀ ପନ୍ଥା ଆପଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ତହସିଦାର୍, ତାଳଚେର ବିଧାୟକ ଓ ତିନି ଶିଳ୍ପ ସଂସ୍ଥାର ଅଧିକାରୀଙ୍କ ସହିତ ବଣିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାତି ୧୦ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ପରିବହନ ଗାଡ଼ି ଯାତାୟାତ କରିବା, ରାସ୍ତାରେ ପର୍ଯ୍ୟାପ୍ତ ପାଣି ପକାଇବା, ରାସ୍ତା ମରାମତି କରିବା, ପରିବହନ ସଂସ୍ଥା ପକ୍ଷରୁ ସୁରକ୍ଷା କର୍ମଚାରୀ ନିୟୋଜିତ କରିବା, ଗାଡ଼ିର ବେଗ ନିୟନ୍ତ୍ରଣ ସହିତ ଓଭର ଲୋଡିଂ ବନ୍ଦ୍ ଆଦି ଆପଣେଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଇତି ମଧ୍ୟରେ ୪ମାସ ବିତିଯାଇଥିଲେ ହେଁ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ହେଲାନାହିଁ ବୋଲି ବଣିକ ସଂଘ ପକ୍ଷରୁ କୁହାଯାଇଛି। ଏହି ବଜାର ରାସ୍ତା ଦେଇ ନିତି ହଜାର ହଜାର ଲୋକେ ମେଡିକାଲ୍, ତହସିଲି, ରାଜସ୍ୱ, ଏକାଧିକ ଶିକ୍ଷାନୁଷ୍ଠାନ, କଲେଜ୍, ଏନ୍‌ଟିପିସି ଓ ଜେଆଇଟିପିଏଲ୍ କମ୍ପାନୀକୁ ଶ୍ରମିକ/କର୍ମଚାରୀ ଯିବାଆସିବା କରିଥାନ୍ତି। ରାସ୍ତାଟି ଅତି ଗୁରୁତ୍ୱ ବହନ କରୁଥିବା ବେଳେ ଦୈନିକ ଅଢେଇ ହଜାର ଟ୍ରକ୍ ପରିବହନ କରୁଥିବା ବେଳେ ପରିବହନ ନୀତି ନିୟମ ଭୁଲି ଯାତାୟାତ କରୁଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି, ଲୋକଙ୍କ ଧନ, ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।




# ଆନ୍ଦୋଳନରୁ ଓହରିଲେ ଠିକା ଶ୍ରମିକ



ନାଲକୋନଗର, ୬।୨(ସମିସ): ନାଲକୋ ଠିକା ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦୀର୍ଘଦିନ ହେଲା ଆନ୍ଦୋଳନ ହୋଇଆସୁଥିଲା। ନାଲକୋ ଠିକା କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଗତ ୩ ତାରିଖ ଠାରୁ କାର୍ଯ୍ୟ ବନ୍ଦ୍ ଆନ୍ଦୋଳନ କରି ନାଲକୋ ପ୍ଲାଣ୍ଟକୁ ଏକ ପ୍ରକାର ବିଷମ ପରିସ୍ଥିତିକୁ ଆଣିଥିଲେ। ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଉଚ୍ଚସ୍ତରୀୟ ନାଲକୋ କର୍ତ୍ତୃପକ୍ଷ ଶ୍ରମ ବିଭାଗ, ପୁଲିସ ପ୍ରଶାସନ ସମେତ ନାଲକୋ ଠିକା କର୍ମଚାରୀ ସମନ୍ୱୟ ସମିତିର ମିଳିତ ବୈଠକରେ ଠିକା ଶ୍ରମିକଙ୍କ ୫ଦଫା ସମ୍ବଳିତ ଦାବିକୁ ପର୍ଯ୍ୟାୟ କ୍ରମେ ପୂରଣ କରାଯିବାକୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଠିକା କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ନାଲକୋ କର୍ତ୍ତୃପକ୍ଷ ଆଲୋଚନାକରି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସଂଗଠନର ସଭାପତି ବାବୁଲି ସେଠୀ, ସମ୍ପାଦକ ଶଶାଙ୍କ ଶେଖର ସାମଲ, ପ୍ରସନ୍ନ ମହାନ୍ତି, ଅନିଲ ବରାଳ ପ୍ରମୁଖ ସୂଚନା ଦେଇଥିଲେ।

# କାର୍ଯ୍ୟରେ ଯୋଗଦେଲେ କିଶୋରନଗରର ନୂତନ ତହସିଲଦାର



କିଶୋରନଗର, ୪।୨(ସମିସ): କିଶୋରନଗର ତହସିଲରେ ଆଜି ମନୋଜ କୁମାର ପ୍ରଧାନ ନୂତନ ତହସିଲଦାର ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ପ୍ରଧାନ ପୁରୀ ସବ କଲେକ୍ଟର ଅଫିସରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଏହି ତହସିଲରେ ପୂର୍ବରୁ ଥିବା ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ଆଳି ତହସିଲକୁ ବଦଳି ହୋଇଛି। କିଶୋରନଗର ଅଂଚଳର ଜମିଜମା ସଂକ୍ରାନ୍ତୀୟ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି ନୂତନ ତହସିଲଦାର ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମଧୁସୂଦନ ଦାସଙ୍କ ପୁଣ୍ୟତିଥି ପାଳିତ



ତାଳଚେର, ୬।୨(ସମିସ): ଉତ୍କଳ ସମ୍ମିଳନୀ, ଅନୁଗୋଳ ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ହାଟତୋଟାସ୍ଥିତ ପ୍ରେସ୍ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ, ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ବିଶ୍ୱରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଡ.ପ୍ରଶାନ୍ତ କୁମାର ରଥ, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ୍ ବୃନ୍ଦାବନ ସାହୁ ଯୋଗଦେଇ ମଧୁବାବୁଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମଧୁବାବୁଙ୍କ ଜୀବନ ଦର୍ଶନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ଇଂ.ଧନେଶ୍ୱର ସାହୁ ଅତିଥି ପରିଚୟ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ସଂଗଠନ ସଦସ୍ୟା ଲିପିକା ମହାପାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପ୍ରେସକ୍ଲବର ପ୍ରତିଷ୍ଠାତା ସାମ୍ବାଦିକ ଗୌରବ ଦିବାକର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଗବେଷକ ବିଭୂତି ଭୂଷଣ ସାହୁ, ଲେଖକ ସିଦ୍ଧିପ୍ରସାଦ ସାହୁ, ସାମ୍ବାଦିକ ପ୍ରଦୀପ ମହାରଣା, ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ, ଆଇନଜୀବୀ ଅର୍ଜୁନ ଭୂତିଆ, କବି ତ୍ରିନାଥ ସାହୁ, ଦୀପ୍ତିରାଣୀ ସିଂହ, ଜିତେନ୍ଦ୍ର କୁମାର ମହାପାତ୍ର, ଶୌଭାଗିନୀ ଦେବୀ, ହରେକୃଷ୍ଣ ମହାପାତ୍ର, ସାନନ୍ଦ ଚନ୍ଦ୍ର ପରିଡ଼ା, ପଞ୍ଚାନନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସହସଂପାଦକ ଶ୍ରୀକାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ଆଇନଜୀବୀ ବାଉରୀବନ୍ଧୁ ବେଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ତାଳଚେର, ୬।୨(ସମିସ): ସାଉଥ ବଲଣ୍ଡା ନୀଳକଣ୍ଠେଶ୍ୱର କନିଷ୍ଠ ମହାବିଦ୍ୟାଳୟ ଠାରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଅମରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ୟୁକୋ ବ୍ୟାଙ୍କ ମ୍ୟାନେଜର ସୌରଭ ଦେହୁରୀ ଯୋଗଦେଇ ଆତ୍ମରକ୍ଷା କୌଶଳର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଆତ୍ମରକ୍ଷା ତାଲିମର ପ୍ରାକ୍ତନ ଜିଲ୍ଲା ନୋଡାଲ ଅଧିକାରୀ ଡ଼ ତନୁଜା ପାତ୍ର ଯୋଗଦେଇଥିଲେ। ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ବଶିଷ୍ଠ କୁମାର ସାହୁ, କାର୍ଯ୍ୟକ୍ରମ ଅଧିକାରଣୀ ସସ୍ମିତା ନନ୍ଦ, ତ୍ରିନାଥ ସାହୁ, ଅଧ୍ୟାପକ ହରିହର ପ୍ରଧାନ ମତବ୍ୟକ୍ତ କରିଥିଲେ। ପ୍ରକାଶଥାଉ କି, ଷାଠିଏରୁ ଉର୍ଦ୍ଧ୍ୱ ଛାତ୍ରୀମାନଙ୍କୁ ନେଇ ଗତ ଜାନୁଆରୀ ୨୪ ତାରିଖରୁ ଫେବ୍ରୁଆରୀ ୩ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶିକ୍ଷିକା ଭାବରେ ସୋନାଲିକା ପଣ୍ଡା ଯୋଗଦେଇଥିଲେ। ପରିଶେଷରେ ଛାତ୍ରୀମାନେ ଅତିଥିମାନଙ୍କଠାରୁ ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ।

# ଜିଲିଣ୍ଡା କଦଳୀପାଳ ଗ୍ରାମରେ ମାଘମେଳା



ତାଳଚେର, ୬।୨(ସମିସ): ତାଳଚେର ବ୍ଲକ ହେଁସମୂଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜିଲିଣ୍ଡା କଦଳୀପାଳ ଗ୍ରାମରେ ୮ମ ବାର୍ଷିକ ମାଘମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ସ୍ଥାନୀୟ ବଙ୍ଗାରୁଯୋର ଠାରୁ ଗ୍ରାମବାସୀ କଳସରେ ପାଣି ଆଣି ଯଜ୍ଞ ମଣ୍ଡପକୁ ଯାଇଥିଲା। ସେଠାରେ ଯଜ୍ଞ ପୂଜାର୍ଚ୍ଚନା କରାଯାଇଥିଲା। ଦିନସାରା ୬ଟି ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ କରାଯାଇଥିଲା। ପୂଜକ ଭାବେ କହ୍ନେଇ ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବରେ ମକୁନ୍ଦ ପରିଡ଼ା ଓ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ତୁଲାଇଥିଲେ। ଏହି ମାଘ ମେଳାରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ସମିତିର ସଭାପତି ସନ୍ତୋଷ ପ୍ରଧାନ, ହେଁସମୂଳ ସରପଞ୍ଚ ସୁମିତା ସାହୁ, ପୂର୍ବତନ ସରପଞ୍ଚ ଖୁଲଣା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ମେଳାରେ ଗ୍ରାମର ସମାଜସେବୀ ସଂଜୟ ଜାଲ, ଅଭୟ ପରିଡ଼ା, ସିଲୁ ଜାଲ, ଦୁଃସାଶନ ପରିଡ଼ା, ଦିପକ ବିଶ୍ୱାଳ, ଅଜିତ୍ ସାହୁ, ଅମରେଶ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା।

# ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରୁନାଟ୍ ମେସିନ ସ୍ଥାପିତ

ଅନୁଗୋଳ, ୬।୨(ସମିସ): ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ସଂକ୍ରାମକ ରୋଗର ନିରାକରଣ ପାଇଁ ଏକ ଚିପ୍ ଆଧାରିତ, ପଏଣ୍ଟ-ଅଫ୍-କେୟାର, ଦ୍ରୁତ ମଲିକୁଲାର ପରୀକ୍ଷା ପାଇଁ ଟ୍ରୁନାଟ୍ ମେସିନ ସ୍ଥାପନ ହୋଇଛି। ଏଣିକି ସ୍ୱଳ୍ପ ଜୀବାଣୁ ସଂକ୍ରମିତ ରୋଗୀ ଯଦି ମାଇକ୍ରୋସ୍କୋପ୍ ପରୀକ୍ଷଣରେ ଚିହ୍ନଟ ହୋଇ ନପାରେ ତେବେ ରିଅଲ୍ ଟାଇମ୍ ରିଭର୍ସ ଟ୍ରାନ୍ସକ୍ରିପସନ୍ ପଲିମେରେଜ୍ ପ୍ରକ୍ରିୟା ଦ୍ୱାରା ପରିଚାଳିତ ଟ୍ରୁଲାବ୍ ରିଅଲ୍ ଟାଇମ୍ ମାଇକ୍ରୋ ପ୍ଲାଟଫର୍ମରେ ଟ୍ରୁନାଟ୍ ମେସିନ ଦ୍ୱାରା କରାଯାଇପାରିବ ଓ ଏଥିପାଇଁ ଅଧିକ ଫଳପ୍ରଦ ହେବ। ଟିବି ମୁକ୍ତ ଭାରତ ଅଭିଯାନ ପାଇଁ ଅଧିକରୁ ଅଧିକ କଫ ନମୂନା ପରୀକ୍ଷଣ ଓ ସ୍ୱଳ୍ପ ସମୟରେ ଫଳାଫଳ ନିର୍ଦ୍ଧାରଣ ଏହାର ମୁଖ୍ୟ ଲକ୍ଷ୍ୟ। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଘନଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ମେସିନ ସ୍ଥାପନରେ ସ୍ୱାସ୍ଥ୍ୟ ଅଧିକାରୀ ଓ ଲ୍ୟାବ ପରୀକ୍ଷକ ସୁକାନ୍ତ ମହାପାତ୍ର, ନାରାୟଣ ସାହୁ, ଜିତେନ୍ଦ୍ର ପ୍ରଧାନ ସମେତ ପ୍ରୀତିଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଗୋଚାଲାଣ ବେଳେ ଚଢ଼ଉ; ୨ ଅଟକ



ପାଳଲହଡା, ୬।୨(ସମିସ): ଦିନକୁ ଦିନ ପାଳଲହଡା ଓ ଆଖ ପାଖ ଅଂଚଳରେ ବେଧଡକ ଗୋରୁ ଚାଲାଣ ହେଉଥିବା ବେଳେ କିଛି ସ୍ୱଚ୍ଛାସେବୀ ସଂଗଠନର ସଦସ୍ୟଙ୍କ ସହାୟତାରେ ପାଳଲହଡା ପୁଲିସ ଚଢ଼ଉ କରି ଚଲେଇ ଚଲେଇ ଗୋରୁଚାଲାଣ କରୁଥିବା ଦୁଇ ଜଣ ଗୋଚାଲାଣକାରୀଙ୍କୁ ପାଳଲହଡା ପୁଲିସ ଅଟକ ରଖିଛି। ପାଳଲହଡ଼ା ଥାନା ବନ୍ଧାଭୂଇଁ ପଞ୍ଚାୟତ ଇତୀ ଗାଁ ରାସ୍ତାରେ ୪୫ ଗୋଟି ଗୋରୁଙ୍କୁ ନେଉଥିବା କିଛି ସ୍ୱଚ୍ଛାସେବୀ ଦେଖି ପୁଲିସକୁ ଖବର ଦେଇଥିଲେ। ପାଳଲହଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଗୋ ଚାଲାଣକାରୀଙ୍କୁ ଅଟକ ରଖିଥିବା ଜଣାପଡିଛି। ଅଟକ ଥିବା ଗୋ ଚାଲାଣକାରୀ ଦୁଇଜଣ ହେଉଛନ୍ତି କେନ୍ଦୁଝର ଜିଲ୍ଲାର କଇଣ୍ଡା, ତୁରୁମୁଙ୍ଗା ଅଞ୍ଚଳର ଅଭିମନ୍ୟୁ ସାହୁ ଏବଂ ଚମ୍ପୁଆ ଅଞ୍ଚଳର ଗୋଲକ ବିହାରୀ ଗିରି। ଜବତ ଗୋରୁମାନଙ୍କୁ ଗୋଶାଳାରେ ଛାଡିବା ପାଇଁ ପଦକ୍ଷେପ ନିଆଯାଉଛି।

# ଅଗ୍ନିବିପନ୍ନ ପରିବାରକୁ ସହାୟତା

ତାଳଚେର, ୬।୨(ସମିସ): ଅଗ୍ନିବିପନ୍ନ ପରିବାରକୁ ସାହାଯ୍ୟର ହାତ ବଢ଼ାଇଛନ୍ତି ସମାଜସେବୀ ବିଭୁତି ସାହୁ। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କଙ୍କରାଇ ଗ୍ରାମପଞ୍ଚାୟତର ଛୋଟବେରେଣୀ ଗ୍ରାମର ଫଗୁଆ ନାଏକଙ୍କ ୩ବଖରା ଚାଳ ପାଉଁଶ ହୋଇଯାଇଛି। ଏହି ଖବର ପାଇ ସମାଜସେବୀ ବିଭୁତି ସାହୁ ଗ୍ରାମର ଭୀଷ୍ମ ପ୍ରଧାନ, ଚିତରଞ୍ଜନ ସାହୁ ଏବଂ ୱାର୍ଡ ମେମ୍ବର ସୁନୀଲ ନାଏକଙ୍କ ସହଯୋଗରେ ଅଗ୍ନିବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ପିନ୍ଧିବା ବସ୍ତ୍ର, ଶୀତ ବସ୍ତ୍ର ଏବଂ ଜରିପାଲର



ଛପର ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଘର ସହିତ ଆସବାବପତ୍ର,ଟଙ୍କା ପଇସା, ଧାନ, ଚାଉଳ ଯାହା ଥିଲା ସବୁ ଜଳିପୋଡ଼ି ବନ୍ଦୋବସ୍ତ କରାଇଛନ୍ତି। ଶ୍ରୀ ସାହୁ ଏହି ଅବସରରେ ସମସ୍ତଙ୍କୁ ଏହି ଅଗ୍ନିବିପନ୍ନ ପରିବାରକୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ପାଇଁ ନିବେଦନ କରିଛନ୍ତି।

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ଅନୁଗୋଳ, ୬।୨(ସମିସ): ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ 'ନୂଆ-ଓ' ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଆୟୋଜିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଓ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. କୁଳମଣି ନାୟକ ମୁଖ୍ୟ ଅତିଥି ଭାବରେ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ବିଇଡ଼ି ପ୍ରଥମ ବର୍ଷର ଛାତ୍ର ସଂଜତ କୁମାର ବାରିକ ଶ୍ରେଷ୍ଠ ସାହିତ୍ୟ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଥିବା ବେଳେ ବିଇଡ଼ି ଦ୍ୱିତୀୟ ବର୍ଷର ଛାତ୍ର ସର୍ବେଶ୍ୱର ରାଉତ ଶ୍ରେଷ୍ଠ ସାରସ୍ୱତ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଥିଲେ। ନୂଆ-ଓ, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ନୋଡାଲ ଅଫିସର ତଥା ସହକାରୀ ପ୍ରଫେସର ବନମାଳୀ ବାଗ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସମସ୍ତ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମଝିପଡ଼ା ଚାମ୍ପିଅନ

ଆଠମଲ୍ଲିକ, ୬।୨(ସମିସ): ଆଠମଲ୍ଲିକ ବ୍ଲକ ଓଲଥ ଖେଳ ପଡ଼ିଆରେ ୧୬ ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜିରାଡ଼ ଏବଂ ମଝିପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୦ ଓଭର ବିଶିଷ୍ଟ ଖେଳରେ ଜିରାଡ଼ ପ୍ରଥମେ ବ୍ୟାଟିଂ କରି ୫୮ ରନ ସଂଗ୍ରହ କରିଥିଲା। ମଝିପଡ଼ା ୫୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକର ବିଜେଡି ନେତା ଚିତ୍ତରଞ୍ଜନ କର୍ଣ୍ଣ, ସମ୍ମାନିତ ଅତିଥି ଭାବେ ଅଏଡ଼ା ସେବା ସମବାୟ ସମିତିର ସମ୍ପାଦକ ପଞ୍ଚାନନ ସାହୁ, ଡ଼ଃ ଅଶ୍ୱିନୀ କ୍ଷେତି, ଶିକ୍ଷକ ସୁଧୀର କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଚାମ୍ପିଅନ ମଝିପଡ଼ା ଏବଂ ରନର୍ସ ଅପ ଜିରାଡ଼ ଟିମକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚରେ ଅମ୍ପାୟାର ଭାବେ ପ୍ରବୀର ରଞ୍ଜନ କ୍ଷେତି, ଧରଣୀଧର ବାରିକ, ଶତ୍ରୁଜିତ ସିଂ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ଟିକନ ବେହେରା ଏବଂ ଧାରା ବିବରଣୀ ପ୍ରଦାନ କରିଥିଲେ ଶରତ କୁମାର। ଟୁର୍ଣ୍ଣାମେଣ୍ଟରେ ଭରତ କୁମାର ପ୍ରଧାନ, ଦୀପ୍ତିରଞ୍ଜନ ମାହାର, ଶିବାନନ୍ଦ ଦେହୁରୀ, ସରୋଜ ନାଏକ, ମଳୟ ଅମାନ୍ତ, ରଞ୍ଜିତ ନାଏକ, ବିକାଶ ଦେହୁରୀ, ଲିପୁନ ଅମାନ୍ତ, ଦେବେନ୍ଦ୍ର ନାୟକ, ପ୍ରଶାନ୍ତ ଦେହୁରୀ, ପ୍ରବୀଣ ଦେହୁରୀ, ମା' ମାହେଶ୍ୱରୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ; ଚିକିତ୍ସା ସେବା ବନ୍ଦ

ଢେଙ୍କାନାଳ, ୬।୨(ସମିସ): ଢେଙ୍କାନାଳ ଜିଲ୍ଲା ସମେତ ଓଡ଼ିଶାର ସମସ୍ତ ପ୍ରାଣୀ ଚିକିତ୍ସକମାନେ ପ୍ରାଣୀ ଚିକିତ୍ସା ସେବାର ବ୍ୟାପକ ରୂପାନ୍ତରଣ ସମେତ ୪ଦଫା ଦାବିକୁ ନେଇ ଦୀର୍ଘ ୨୦ ଦିନ ହେବ ସାମୂହିକ ଛୁଟିରେ ଅଛନ୍ତି। ଏହାଦ୍ୱାରା ପ୍ରାଣୀ ଚିକିତ୍ସା ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଜିଲ୍ଲାର ହଜାର ହଜାର ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା ଇତ୍ୟାଦିଙ୍କ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣହାନୀ ହୋଇଥିବାର ସୂଚନା ମିଳୁଛି। ସରକାର ତ୍ରୁଟିପୂର୍ଣ୍ଣ ଭାବେ ନିୟମ ବାହାରେ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ପ୍ରାଣୀ ଚିକିତ୍ସା କରିବା ପାଇଁ ବାଧ୍ୟ କରୁଥିବାରୁ ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ପ୍ରାଣୀମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଏପଟେ ପ୍ରାଣୀ ପାଳକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ସରକାରୀ ଯୋଜନାରେ କୁକୁଡା, ଛେଳି, ଗାଈ, ଘୁଷୁରୀ ଆଦି ପାଳନ କରିଥିବା ବେଳେ ସେମାନେ ଠିକ୍ ସମୟରେ ସରକାରୀ ସହାୟତା ପାଇପାରୁନାହାଁନ୍ତି। ସୂଚନା ମୁତାବକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ଛୁଟିରେ ଅଛନ୍ତି। ତେବେ ବିନା ପ୍ରାଣୀ ଚିକିତ୍ସକରେ ଜିଲ୍ଲା କିପରି ଚାଲିଛି ଏହା ପ୍ରାଣୀ ପାଳକ ଏବଂ ବୁଦ୍ଧିଜୀବୀଙ୍କ ମହଲରେ ସରକାରଙ୍କ ନିକଟରେ ପ୍ରଶ୍ନ ରହୁଛି। ଜରୁରୀ କାଳୀନ ବିଭାଗ ତଥା ପ୍ରାଣୀମାନଙ୍କ ଜୀବନ ଓ ପ୍ରାଣୀପାଳକମାନଙ୍କ ଜୀବିକା ସହିତ ଜଡିତ ଥିବା ଏହି ବିଭାଗର ଆନ୍ଦୋଳନ ୨୦ ଦିନରେ ପହଁଚିଥିଲେ ସୁଦ୍ଧା ସରକାର କିପରି ଭାବରେ ନିରିହ ଜୀବଜନ୍ତୁଙ୍କ ପ୍ରତି ଆଖି ବୁଜି ଦେଇଛନ୍ତି, ତାହା ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



